

# ପ୍ରେରଣା

ମାସିକ ଓଡିଆ ସାହିତ୍ୟ ଇ-ପତ୍ରିକା

ମଇ, ୨୦୧୯

ଅଷ୍ଟମ ସଂସ୍କରଣ

ପ୍ରତିଷ୍ଠାତା

ଲଳିତ କବି ଧ୍ରୁବ ଚରଣ ସ୍ୱାଇଁ

www.preranaodia.com

# ପ୍ରେରଣା

ମାସିକ ଓଡିଆ ସାହିତ୍ୟ ଇ-ପତ୍ରିକା

## ମଇ, ୨୦୧୯ । ଅଷ୍ଟମ ସଂସ୍କରଣ

ପ୍ରତିଷ୍ଠାତା

ଲଳିତ କବି ଧ୍ରୁବ ଚରଣ ସ୍ୱାଇଁ

ସମ୍ପାଦକ

ଶ୍ରୀ ଦେବୀ ପ୍ରସାଦ ସ୍ୱାଇଁ

## ଆମସହ ଯୋଗାଯୋଗ

ସମ୍ପାଦକ, ପ୍ରେରଣା ମାସିକ ଓଡିଆ ସାହିତ୍ୟ ଇ-ପତ୍ରିକା

ଜହ୍ନିତଇଳା, ବାରଦା, ଢେଙ୍କାନାଳ

ଇମେଲ୍-editor@preranaodia.com, ଦୂରଭାଷ– 8908279130

# ଛବିଟିଏ ପାଇଁ ପଦଟିଏ

The image speaks

"ଛବିଟିଏ ପାଇଁ ପଦଟିଏ" ପ୍ରତିଯୋଗିତାର ମଇ ୨୦୧୯ ସଂସ୍କରଣ ଇତି ମଧ୍ୟରେ ସମାପ୍ତ ହୋଇଅଛି । ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ସମସ୍ତ ଲେଖକ/ଲେଖିକା ମାନଙ୍କୁ "ପ୍ରେରଣା ପରିବାର" ତରଫରୁ ଅଶେଷ ଧନ୍ୟବାଦ । ପ୍ରିୟ ଲେଖକ/ଲେଖିକା ମାନଙ୍କର ଲେଖନୀ ଦୀର୍ଘଜୀବୀ ହେଉ ଏହା ଈଶ୍ୱରଙ୍କ ନିକଟରେ ପ୍ରାର୍ଥନା ।

"ଛବିଟିଏ ପାଇଁ ପଦଟିଏ" ମଇ ୨୦୧୯ ସଂସ୍କରଣର ବିଜେତା ଲେଖକ ଶିବ ଚରଣ ମହାପାତ୍ରଙ୍କୁ ଅଭିନନ୍ଦନ । ଲେଖକଙ୍କ କଲମରୁ...

ଚନ୍ଦ୍ରମା ଗୋ ତୁମ ଚାନ୍ଦିନୀ ପରଶେ  
ତିମିର ରଜନୀ ହୃଦୟ ହାରେ ।  
ଶୀତଳ ଚାହାଁଣୀ ଜାଳି ଦିଏ ପ୍ରାଣ  
ନିଆଁ ଲାଗିଯାଏ ତଟିନୀ ନୀରେ ॥



ଶିବ ଚରଣ ମହାପାତ୍ର

# ଉପକ୍ରମ

ପ୍ରାରମ୍ଭରୁ ଓଡିଆ ସାହିତ୍ୟ ପ୍ରତି ବିଶେଷ ଦୁର୍ବଳତା ନଥିଲେ ମଧ୍ୟ କିଞ୍ଚିତ୍ ଜିଜ୍ଞାସା ନିଶ୍ଚୟ ଥିଲା । ଯେବେ କେବେବି ବାପାଙ୍କର ଲେଖା କିଛି ପଢେ, ତାଙ୍କ ସୃଜନଶୀଳତା ଓ ସାହିତ୍ୟର ବୈସ୍ତୃତ୍ୟ ଦେଖି ଅତି ବିସ୍ମିତ ଲାଗେ । ତାଙ୍କ ଲେଖା ପରି ସୁନ୍ଦର ସାହିତ୍ୟ ଲୋକଲୋଚନରୁ ଅଦୃଷ୍ଟ ରହିଗଲା କେବଳ ସୁଯୋଗ ଏବଂ ପ୍ରୋତ୍ସାହନ ଅଭାବରୁ । ତାଙ୍କ ପରି ଅନେକ ସାହିତ୍ୟ ସାଧକ ବଣମଲ୍ଲୀ ପରି ବଣରେ ଫୁଟି ନିଜର ସୁଗନ୍ଧ ଚତୁଃପାର୍ଶ୍ୱରେ ପ୍ରସାରିତ କରିବା ପୂର୍ବରୁ ଝଡି  ଯାଉଛନ୍ତି ।

ଓଡିଆ ସାହିତ୍ୟର ସେହି ଲୁକ୍କାୟିତ ତଥା ଅପ୍ରଶଂସିତ ସ୍ରଷ୍ଟାମାନଙ୍କୁ ସୁଯୋଗ ଦେବା ଏବଂ ସେମାନଙ୍କର ଅପ୍ରକାଶିତ ରଚନା ଗୁଡିକୁ ଲୋକ ଲୋଚନକୁ ଆଣିବା ପାଇଁ ଏକ ମାଧ୍ୟମ ପ୍ରଦାନ କରିବାର ଏକ କ୍ଷୁଦ୍ର ପ୍ରଚେଷ୍ଟା "ପ୍ରେରଣା" । ଯେକୌଣସି ପ୍ରତିକୂଳ ପରିସ୍ଥିତିରେ ବି ନିର୍ଭୀକ ଭାବରେ ନିଜର କର୍ମ କରି ଚାଲିବା ପାଇଁ ବାପାଙ୍କ ଠାରୁ ଯେଉଁ ପ୍ରେରଣା ମିଳିଥିଲା, ସେହି ପ୍ରେରଣାକୁ ସାହିତ୍ୟ ପ୍ରେମୀ ବନ୍ଧୁମାନଙ୍କ ସହ ପ୍ରସାର କରି ଓଡିଆ ଭାଷା ସାହିତ୍ୟ ପ୍ରତି ନିଜର ସାମାନ୍ୟ ଅନୁଦାନ ଅର୍ପଣ କରିବା ପାଇଁ ହିଁ  "ପ୍ରେରଣା"ର ସୃଷ୍ଟି  ।

ଏହି ମାଧ୍ୟମଟି ଆପଣଙ୍କୁ ସାମାନ୍ୟଓମ ପ୍ରୋତ୍ସାହନ ପ୍ରଦାନ କଲେ ମୋର ଶ୍ରମ ସାର୍ଥକ ହେବା ଆଶାକରେ  ।

ସମ୍ପାଦକ

ପ୍ରେରଣା

ମାସିକ ଓଡିଆ ସାହିତ୍ୟ ଇ-ପତ୍ରିକା

# କୃତଜ୍ଞତା ଜ୍ଞାପନ

ମୋର ପ୍ରିୟ ବନ୍ଧୁ ଶ୍ରୀ ବିଭୁଶ୍ରୀ ମିଶ୍ର, ଶ୍ରୀ ସନ୍ତୋଷ ସାଗର ମିଶ୍ର, ଶ୍ରୀ ସନାତନ ସାହୁ, ଲାଇବ୍ରେରୀଆନ ଶ୍ରୀ ହୃଦୟାନନ୍ଦ ପଧାନ, ଶ୍ରୀ ଚନ୍ଦ୍ର ଶେଖର ଖଟୁଆ ଓ ଶ୍ରୀ ଆର୍ଯ୍ୟେନ୍ଦୁ ପଟ୍ଟନାୟକ ପ୍ରମୁଖ ଯେଉଁ ମହୋଦୟ ମାନଙ୍କ ପ୍ରେରଣା ଓ ସାହାଯ୍ୟ ଆଜି ମୋତେ ମୋ ଗନ୍ତବ୍ୟ ପଥରେ ଆଗେଇ ନେଉଛି ସେମାନଙ୍କ ନିକଟରେ ମୁଁ ଆନ୍ତରିକ କୃତଜ୍ଞତା ଜ୍ଞାପନ କରୁଅଛି ।

ଏତଦ୍ବ୍ୟତୀତ ପ୍ରଚ୍ଛଦପଟ୍ଟ ଶିଳ୍ପୀ କୁମାରୀ ଶୁଭଶ୍ରୀ ପଣ୍ଡା ପତ୍ରିକାର ପ୍ରଚ୍ଛଦପଟ୍ଟଟି ଅତି ସୁନ୍ଦର ଭାବେ ଚିତ୍ରଣ କରିଥିବାରୁ ତାଙ୍କ ନିକଟରେ ମୁଁ କୃତଜ୍ଞତା ଜ୍ଞାପନ କରୁଅଛି ।

। ଇତି ।

ସମ୍ପାଦକ

# ପ୍ରେରଣା ଇ-ପତ୍ରିକା ପ୍ରକାଶନର ନିୟମାବଳୀ :

1. ପ୍ରେରଣା ଇ-ପତ୍ରିକା ଏକ ମାସିକ ସଂସ୍କରଣ ହୋଇଥିବାରୁ ପ୍ରିୟ ଲେଖକ/ଲେଖିକା ମାନେ ପ୍ରତି ମାସରେ ପ୍ରକାଶଯୋଗ୍ୟ ନିଜସ୍ୱ ଲେଖା ପଠାଇ ପାରିବେ ।
2. ପ୍ରକାଶନ ପାଇଁ ପ୍ରେରିତ ଲେଖା ଗୁଡିକର ନକଲକୁ ଲେଖକ/ଲେଖିକା ମାନେ ନିଜ ପାଖରେ ସରଂକ୍ଷିତ କରି ରଖିବା ପାଇଁ ଅନୁରୋଧ । କାରଣ ଅମନୋନିତ ଲେଖା ଗୁଡିକ ଫେରସ୍ତ ହେବାର ବ୍ୟବସ୍ଥା ନାହିଁ ।
3. ବର୍ତ୍ତମାନ ପ୍ରେରଣା ଇ-ପତ୍ରିକା ମୁଖ୍ୟତଃ ପଦ୍ୟ ଏବଂ ଗଦ୍ୟ ଏହି ଦୁଇଟି ବିଭାଗକୁ ନେଇ ଗଠିତ ହୋଇଥିବାରୁ ପ୍ରତି ସଂସ୍କରଣ ପାଇଁ ପ୍ରିୟ ଲେଖକ/ଲେଖିକା ମାନେ ଅତିବେଶିରେ କେବଳ ଦୁଇଟି (ଗୋଟିଏ ଗଦ୍ୟ ଏବଂ ଗୋଟିଏ ପଦ୍ୟ) ଲେଖା ପଠାଇ ପାରିବେ ।
4. ପ୍ରିୟ ଲେଖକ/ଲେଖିକା ମାନେ ନିଜସ୍ୱ ଲେଖା ପଠାଇବା ପାଇଁ www.preranaodia.com ରେ ଉପଯୁକ୍ତ ତଥ୍ୟ ପ୍ରଦାନ କରିବା ସହ ନିଜସ୍ୱ ଲେଖା ଅପ୍-ଲୋଡ କରିବା ଆବଶ୍ୟକ ।
5. ପ୍ରତି ସଂସ୍କରଣ ପାଇଁ କେବଳ ଏହି ପଞ୍ଜୀକରଣ ଦ୍ୱାରା ଲେଖା ଗ୍ରହଣଯୋଗ୍ୟ ଅଟେ । ସୁତରାଂ ପ୍ରତି ସଂସ୍କରଣ ପାଇଁ ଲେଖକ/ଲେଖିକା ମାନେ ଲେଖାକୁ www.preranaodia.com ରେ ଅପ୍-ଲୋଡ କରିବାକୁ ପଡିବ । ପଞ୍ଜୀକରଣ ସମୟରେ କୌଣସି ତ୍ରୁଟି ପରିଲକ୍ଷିତ ହେଲେ ଆମ ସହ ଯୋଗାଯୋଗ କରିବାକୁ ଅନୁରୋଧ ।
6. ପ୍ରିୟ ଲେଖକ/ଲେଖିକା ମାନେ ପଞ୍ଜୀକରଣ ଫର୍ମରେ ପ୍ରଦତ୍ତ ସ୍ଥାନରେ ନିଜସ୍ୱ ଲେଖାକୁ ଓଡିଆ ରେ ଲେଖି ପାରିବେ ।

7. ଇ-ମେଲ କିମ୍ବା ହ୍ୱାଟସ୍ଆପ୍ ଦ୍ୱାରା ପ୍ରେରିତ ଲେଖା ଗ୍ରହଣୀୟ ନୁହେଁ । ତେଣୁ ସହୃଦୟ ଲେଖକ/ଲେଖିକା ମାନେ ଲେଖା ପଠାଇବା ପାଇଁ ଏହାର ବ୍ୟବହାର ନକରିବା ପାଇଁ ବିଶେଷ ଅନୁରୋଧ ।

8. ପ୍ରିୟ ଲେଖକ / ଲେଖିକା ମାନଙ୍କୁ ବିଶେଷ ଅନୁରୋଧ – ଏକ ସମୟରେ ଅନ୍ୟ କୌଣସି ପତ୍ରିକାକୁ ପ୍ରକାଶ କରିବା ପାଇଁ ପଠାଇଥିବା ଲେଖା "ପ୍ରେରଣା"କୁ ପଠାନ୍ତୁ ନାହିଁ କିମ୍ବା "ପ୍ରେରଣା"କୁ ପଠାଇଥିବା ଲେଖା ଅନ୍ୟ କୌଣସି ପତ୍ରିକାକୁ ପଠାନ୍ତୁ ନାହିଁ ।


9. ଲେଖା ଚୟନ କେବଳ ସମ୍ପାଦନା ମଣ୍ଡଳୀ ଦ୍ୱାରା ସ୍ଥିରୀକୃତ ହୋଇଥାଏ । ଲେଖକ/ଲେଖିକା ମାନେ ଏହା ଉପରେ କୌଣସି ଅଭିଯୋଗ ରଖିପାରିବେ ନାହିଁ । ଲେଖାଗୁଡିକ କୌଣସି ଧର୍ମ ବହିଃର୍ଭୂତ ତଥା ବିରୋଧୀ ତତ୍ତ୍ୱ ଉପରେ ଆଧାରିତ ନ ହେବା ଆବଶ୍ୟକ ।

10. ପ୍ରେରଣା ଇ-ପତ୍ରିକାରେ ପ୍ରକାଶିତ ଲେଖା ତଥା ଏହାର ୱେବସାଇଟରେ ପ୍ରଦତ୍ତ ତଥ୍ୟ ସମ୍ପାଦକଙ୍କ ଅନୁମତି ବିନା କୌଣସି ପତ୍ର-ପତ୍ରିକାରେ ପ୍ରକାଶିତ ହେବା ଅପରାଧ ବୋଲି ବିବେଚନା କରାଯିବ । ସୁତରାଂ ଏଥି ନିମନ୍ତେ ସମ୍ପାଦକଙ୍କ ଠାରୁ ଲିଖିତ ଅନୁମତି ଆବଶ୍ୟକ ।

11. ଏହି ପତ୍ରିକାରେ ପ୍ରକାଶିତ ସମସ୍ତ ଲେଖା ଉଭୟ ପ୍ରକାଶକ ଏବଂ ଲେଖକ/ଲେଖିକା ମାନଙ୍କ ପାଖରେ ସର୍ବଦା ସରଂକ୍ଷିତ । ତେଣୁ ନିଜସ୍ୱ ଲେଖାକୁ ସୋସିଆଲ ମିଡିଆ/ନେଟୱର୍କରେ ପ୍ରଚାର ଏବଂ ପ୍ରସାର ନିମନ୍ତେ ସେୟାର୍ କରିବାର ସମ୍ପୂର୍ଣ୍ଣ ଅଧିକାର ପ୍ରିୟ ଲେଖକ/ଲେଖିକା ମାନଙ୍କର ଅଛି ।

ପ୍ରେରଣା ଇ-ପତ୍ରିକାରେ ପ୍ରକାଶିତ ସମସ୍ତ ଲେଖା ଲେଖକ/ଲେଖିକା ମାନଙ୍କର ନିଜସ୍ୱ ସୃଷ୍ଟି ହୋଇଥିବାରୁ ଯେକୌଣସି ବାଦାନୁବାଦ ପାଇଁ କେବଳ ଲେଖକ/ ଲେଖିକା ମାନେ ଉତ୍ତରଦାୟୀ ରହିବେ । ଏଥିରେ ପ୍ରକାଶକ, ସମ୍ପାଦକ କିମ୍ବା ପତ୍ରିକାର କୌଣସି ଉତ୍ତରଦାୟିତ୍ୱ ରହିବ ନାହିଁ ।

# ସମ୍ପାଦକୀୟ...



ଯାହାଙ୍କ ରଚିତ "ବର୍ଣ୍ଣବୋଧ" ଆଜି ଲକ୍ଷ ଲକ୍ଷ ଓଡ଼ିଆ ବାଳକ ବାଳିକାଙ୍କୁ ଅକ୍ଷର ପରିଚୟ କରାଉଛି ; ଯାହାଙ୍କ ରଚିତ ଶିଶୁସାହିତ୍ୟ ଯୋଗୁଁ ଆଧୁନିକ ଓଡିଶା ଆଜି ଶିକ୍ଷିତ; ଯାହାଙ୍କ କୃତି ଆଜି ସାହିତ୍ୟ ଓ ସଂସ୍କୃତି କ୍ଷେତ୍ରରେ କୌଣସି ଆଞ୍ଚଳିକତା କିମ୍ବା ଭାଷାଭେଦର ସ୍ଥାନ ନାହିଁ ବୋଲି ପ୍ରମାଣିତ କରୁଛି ; ଯିଏ ଭକ୍ତକବି ଭାବେ ଓଡ଼ିଶାରେ ଘରେ ଘରେ ପରିଚିତ ; ଆଧୁନିକ ଓଡ଼ିଆ ସାହିତ୍ୟର ସେହି ସୁପ୍ରତିଷ୍ଠିତ କବି ଓ ଗଦ୍ୟଲେଖକ ଭକ୍ତକବି ମଧୁସୂଦନ ରାଓଙ୍କ ଜୀବନୀ ଉପରେ ଆଲୋଚନା କରିବା ଅତ୍ୟନ୍ତ ସୌଭାଗ୍ୟର ବିଷୟ ।

ଯେଉଁ ଶ୍ରୀପଞ୍ଚମୀ ଦିନ କାବ୍ୟରୂପା ବିଦ୍ୟାଦାୟିନୀ ସରସ୍ୱତୀଙ୍କର ପୂଜାର୍ଚ୍ଚନା କରାଯାଏ, ସେହି ପୂଣ୍ୟତିଥି ଅବସରରେ ପୂଣ୍ୟଧାମ ପୁରୀରେ ୧୮୫୩ ମସିହା ଜାନୁୟାରୀ ମାସ ୨୯ ତାରିଖରେ ମଧୁସୂଦନଙ୍କ ଜନ୍ମ । ପିତା ଭାଗୀରଥୀ ରାଓ ଓ ମାତା ଅମ୍ବିକା ବାଈ ଅତ୍ୟନ୍ତ ଧର୍ମପରାୟଣ ବ୍ୟକ୍ତି ଥିଲେ ଯାହାର ପ୍ରଭାବ ପିଲାବେଳୁ ତାଙ୍କ ଉପରେ ପଡିଥିଲା । ତାଙ୍କୁ ୫ ବର୍ଷ ହେବା ସମୟରେ ମାତା ଅମ୍ବିକା ଦେବୀ ଏକ କନ୍ୟା ସନ୍ତାନକୁ ପ୍ରସବ କରି ପ୍ରାଣତ୍ୟାଗ କଲେ । ଅତି ଅଳ୍ପ ବୟସରେ ମଧୁସୂଦନ ମାତୃହୀନ ହୋଇ ଅମୂଲ୍ୟ ମାତୃସ୍ନେହରୁ ବଞ୍ଚିତ ହୋଇଥିଲେ । ପରବର୍ତ୍ତୀ ସମୟରେ ତାଙ୍କ ଦ୍ୱାରା ରଚିତ କବିତା "ମୋ ଜନନୀ"ରେ ଏହା ବିଷୟରେ ସୂଚନା ମିଳେ ।

ଏ କିରେ ଦାରୁଣ ଦୃଶ୍ୟ     ଦେଖଇ ନୟନ ହେ
                                   ଜନନୀ ମୋହର
ଧରି ମୋର ପିତାଙ୍କ ପଦ     କହନ୍ତି ମା ଗଦଗଦ,
ରଖ ରଖ ଏହି ଧନ     ମୋର ହୃଦୟର ହେ,
                                   ମୋର ହୃଦୟର ।

ପିଲାବେଳୁ ନିଜ ଜନନୀଙ୍କୁ ହରାଇଥିଲେ ମଧ୍ୟ ସେ ଆଜୀବନ ଅତ୍ୟନ୍ତ ଶାନ୍ତ, ସଂଯତ ଓ ନମ୍ର ସ୍ୱଭାବର ବ୍ୟକ୍ତି ଥିଲେ । ମଧୁସୂଦନଙ୍କ ପିଲାଦିନ ମାତୁଳାୟରେ ବହୁ ଅଯତ୍ନ ଓ ଅନାଦର ଭାବରେ କଟିଥିଲା ଅଥଚ ଏହି ଦୁର୍ଦ୍ଦଶା ଦିନର ସୂଚନା ତାଙ୍କର କୌଣସି ରଚନାବଳୀରେ ପରିଲକ୍ଷିତ ନାହିଁ । ଏହା ତାଙ୍କର ମହାନ ଚରିତ୍ର ଓ ବିଶାଳ ହୃଦୟର ପରିଚୟ ଦିଏ ।

ମାତୃ ବିୟୋଗଜନିତ ବିଭିନ୍ନ ସମସ୍ୟା ଯୋଗୁଁ ମଧୁସୂଦନଙ୍କ ବିଦ୍ୟାରମ୍ଭ ବିଳମ୍ବରେ ମାଟିବଂଶ ଅବଧାନଙ୍କ ଠାରେ ଆରମ୍ଭ ହୋଇଥିଲା । ତୁଳସୀ ଦୁଇ ପତ୍ରରୁ ବାସିଲା ଭଳି ବାଲ୍ୟାବସ୍ଥାରୁ ସେ ଅତ୍ୟନ୍ତ ମେଧାବୀ ଥିଲେ । ତାଙ୍କର ସ୍ମରଣଶକ୍ତି ଅତ୍ୟନ୍ତ ତୀକ୍ଷ୍ଣ ଥିଲା । ନୂତନ ବହି ପଢିବା ପାଇଁ ଅହେତୁକ ଆଗ୍ରହ, ସମୟାନୁବର୍ତ୍ତିତା, ମଧୁର ବ୍ୟବହାର ସହ ଗୁରୁଜନଙ୍କୁ ଶ୍ରଦ୍ଧା ଭକ୍ତି ଆଦି ଗୁଣଗୁଡିକ ଶିକ୍ଷା ଆରମ୍ଭରୁ ହିଁ ତାଙ୍କଠାରେ ପରିପ୍ରକାଶ ହୋଇଥିଲା । ଏହାର ପରବର୍ତ୍ତୀ ସମୟରେ ପୁରୀ ଜିଲ୍ଲା ସ୍କୁଲ ପରି ବୃହତ୍ତର ଶିକ୍ଷା ପରିସରରେ ମଧ୍ୟ, ସେ ନିଜ ପ୍ରତିଭାର ପରିଚୟ ଦେଇଥିଲେ । ସେ ସେଠାରେ ପ୍ରତିବର୍ଷ ଶ୍ରେଣୀରେ ପ୍ରଥମସ୍ଥାନ ଅଧିକାର କରି ପୁରସ୍କୃତ ହେଉଥିଲେ ।

ମାତ୍ର ୧୧ ବର୍ଷ ବୟସରେ ପଦ୍ମା ବାଈ ନାମ୍ନୀ ଜଣେ ନବମ ବର୍ଷୀୟା ବାଳିକାଙ୍କ ସହିତ ମଧୁସୂଦନଙ୍କର ବାଲ୍ୟବିବାହ ହୋଇଥିଲା । ଅଳ୍ପ ବୟସରେ ବିବାହକରି ସୁଦ୍ଧା ତାଙ୍କର ଶିକ୍ଷା ବାଧାପ୍ରାପ୍ତ ହୋଇ ନଥିଲା ।

ଛାତ୍ର ଜୀବନରେ ତାଙ୍କର ସବୁଠାରୁ ବଡ ସଫଳତା ଥିଲା ଆଧୁନିକ ସାହିତ୍ୟର ଯୁଗସ୍ରଷ୍ଟା କବିବର ରାଧାନାଥ ରାୟଙ୍କ ସହ ବନ୍ଧୁତ୍ୱ । ବୟସରେ ମଧୁସୂଦନ ଗୁରୁ ରାଧାନାଥଙ୍କ ଠାରୁ ୫ ବର୍ଷ ସାନ ହୋଇଥିଲେ ମଧ୍ୟ ସେମାନଙ୍କ ସମ୍ପର୍କ କେବଳ ଗୁରୁ-ଶିଷ୍ୟର ସମ୍ବନ୍ଧ ମଧ୍ୟରେ ସୀମିତ ନଥିଲା । ଉଭୟେ ଅନେକ ସମୟରେ ଓଡ଼ିଆ ସାହିତ୍ୟ ଓ ସଂସ୍କୃତି ବିଷୟରେ ଚର୍ଚ୍ଚା କରୁଥିଲେ । ଉତ୍ତରକାଳରେ ସେ ରାଧାନାଥଙ୍କ ସହିତ କବି ଆସନରେ ସମାସୀନ ହେବାର ଯୋଗ୍ୟ ହୋଇ ପାରିଥିଲେ ।ରାଧାନାଥଙ୍କ ସହ ତାଙ୍କ ସମ୍ପର୍କର ଘନିଷ୍ଠତା ନିମ୍ନୋକ୍ତ ଉକ୍ତିରୁ ସ୍ପଷ୍ଟ ବାରି ହୋଇପଡୁଛି..

"କବିମାତ୍ର ରାଧାନାଥ ସାଧାରଣଙ୍କର,  
କିନ୍ତୁ ଦେବୀ, ଜାଣୁ ତୁହି କି ଥିଲେ ମୋହର  
କୈଶୋରର ଶିକ୍ଷାଗୁରୁ ସଦା ସୁବତ୍ସଳ  
ଯୌବନର ପ୍ରାଣବନ୍ଧୁ ଏକାନ୍ତ ସରଳ,  
ସାହିତ୍ୟ ସାଧନାକ୍ଷେତ୍ରେ ଶିକ୍ଷାଦାତା ସଖା"

ଯେତେବେଳେ ମଧୁସୂଦନଙ୍କର ପୂଜ୍ୟପାଦ ଗୁରୁ, ଯୌବନ ସଖା, ସାହିତ୍ୟ ଜଗତର ପଥପ୍ରଦର୍ଶକ ରାଧନାଥଙ୍କର ମହାପରାୟଣ ଘଟିଲା ସେତେବେଳେ ସେ ଅତ୍ୟନ୍ତ ମ୍ରିୟମାଣ ହୋଇପଡିଲେ । ନିମ୍ନୋକ୍ତ ପଦରୁ ତାଙ୍କ ଶୋକାତୁର ହୃଦୟର ପରିଚୟ ମିଳେ ।

"ସହସ୍ର ସ୍ମୃତିର ଅଶ୍ରୁ-ମିଶା ଆତୁରତା  
ବହୁ ବରଷର ହର୍ଷ ବିଷାଦ ବାରତା  
ଆଲୋଡଇ ଏବେ ଏହି ଶୋକାର୍ତ୍ତ ଅନ୍ତର  
କି ଲେଖିବି ? ଚଳୁ ନାହିଁ ଲେଖନୀ ମୋହର "

ମଧୁସୂଦନଙ୍କ ସମଗ୍ର ଜୀବନକୁ ଆଲୋଚନା କଲେ ଦେଖାଯାଏ ଯେ କେତେଗୋଟି ସ୍ୱପ୍ନ ବାସ୍ତବ ପ୍ରତିଫଳିତ ହୋଇ ତାଙ୍କ ଜୀବନକୁ ନିୟନ୍ତ୍ରଣ କରୁଅଛି । ସେ ଏଫ.ଏ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବାପରେ ମାତ୍ର ୧୮ ବର୍ଷ ବୟସରେ ପୁରୀ ଜିଲ୍ଲା ସ୍କୁଲରୁ ନିଜର ଶିକ୍ଷକତା ଜୀବନର ଆରମ୍ଭ କରିଥିଲେ । ଏହାପରେ କିଛିଦିନ ଯାଜପୁରରେ ଶିକ୍ଷକତା ପରେ ସେ ବାଲେଶ୍ୱର ଚାଲିଯାଇଥିଲେ । ସେଠାରେ ଫକୀରମୋହନ ସେନାପତୀଙ୍କ ସହ ବନ୍ଧୁତ୍ୱ ଓ ପରବର୍ତ୍ତୀ ସମୟରେ ଗୁରୁ ରାଧାନାଥଙ୍କ ସହ ପୁର୍ନମିଳନ ଘଟିଥିଲା । କିଛିଦିନ ପରେ ସେ ପଦୋନ୍ନତି ପାଇ କଟକରେ ସ୍କୁଲ ସବଇନିସ୍ପେକ୍ଟର ରୂପେ ଯୋଗଦେଲେ । ଏହି ପଦ ତ୍ୟାଗକରି କଟକ ଟ୍ରେନିଂ ସ୍କୁଲରେ ଥିବାବେଳେ ମଧୁସୂଦନଙ୍କ ସାହିତ୍ୟର ପ୍ରସାର ଅଧିକ ପରିମାଣରେ ହୋଇପାରିଥିଲା । ଏହି ସମୟରେ ହିଁ ତାଙ୍କର ଅନେକ କବିତା ଓ ପ୍ରବନ୍ଧ ଲିଖିତ ହୋଇ ପ୍ରକାଶିତ ହୋଇଥିଲା । ୧୯୦୭ ମସିହାରେ ସେ ସରକାରଙ୍କ ଠାରୁ "ରାୟ ବାହାଦୂର" ଉପାଧି ପାଇଥିଲେ । ଏହାର ଯଥେଷ୍ଟ ପୂର୍ବରୁ ସେ "ଭକ୍ତ କବି" ଭାବେ ଓଡିଶାରେ ଘରେ ଘରେ ପରିଚିତ ହୋଇସାରିଥିଲେ ।

ମଧୁସୂଦନଙ୍କ ଦ୍ୱାରା ରଚିତ ପ୍ରାୟ ସମସ୍ତ କବିତା ଭକ୍ତିରସାତ୍ମକ ଅଟେ । ଅଳ୍ପ କେତୋଟି ଭାଗବତ ଶ୍ରେଣୀର ବୃହତ୍ ଗ୍ରନ୍ଥକୁ ଛାଡିଦେଲେ ସେ ପ୍ରାୟ କୌଣସି ମହାକାବ୍ୟ ଲେଖିନାହାନ୍ତି । ତାଙ୍କ ଦ୍ୱାରା ରଚିତ ଶିଶୁକବିତା ପ୍ରଭାତ, ସୁନ୍ଦର ସଂସାର, ସ୍ତବ, ବସନ୍ତ, ଗ୍ରୀଷ୍ମ, ବର୍ଷା, ଜନ୍ମମରଣ, ସତ୍ୟବ୍ରତ, ପରିଶ୍ରମ ଆଦି ବହୁ ଲୋକପ୍ରିୟ ହୋଇପାରିଛି । ଏହାଛଡା ଅନ୍ୟାନ ବର୍ଣ୍ଣନାତ୍ମକ କବିତା ମଧ୍ୟରେ ନଦୀ ପ୍ରତି, ପଦ୍ମ, ଶରତ, ପ୍ରଭାତ, ମହାଦେବୀ ଭିକ୍ଟୋରିଆ, ସିତା ବନବାସ, ଶ୍ରୀରାମଚନ୍ଦ୍ର, ଉତ୍କଳଗାଥା ଓ ଭାବନାତ୍ମକ ରଚନା କୁସୁମାଞ୍ଜଳି, ଋଷିପ୍ରାଣେ ଦେବାବତରଣ, ହିମାଚଳେ ଉଦୟ ଉତ୍ସବ ଆଦି ରଚନା ତାଙ୍କ ଅସାଧାରଣ କବି ପ୍ରତିଭା ପକ୍ଷରେ ସାକ୍ଷ ଦେବା ପାଇଁ ଯଥେଷ୍ଟ ।

**ଦେବୀ ପ୍ରସାଦ ସ୍ୱାଇଁ**

# ସୂଚୀପତ୍ର


| କ୍ର.ସଂ | ବିଷୟ | ଲେଖକ/ଲେଖିକା | ପୃଷ୍ଠା |
|---|---|---|---|
| ୧. | ପ୍ରାର୍ଥନା | ଲଳିତ କବି ଧ୍ରୁବ ଚରଣ ସ୍ୱାଇଁ | ୧୪ |
| | **ପଦ୍ୟ ବିଭାଗ** | | |
| ୨. | ଚନ୍ଦ୍ର ପ୍ରତି | ଲଳିତ କବି ଧ୍ରୁବ ଚରଣ ସ୍ୱାଇଁ | ୧୬ |
| ୩. | ନାରୀ | ସଂଯୁକ୍ତା ରାଉତ | ୧୮ |
| ୪. | ସଂପର୍କ ଡୋରି | ଅକ୍ଷୟ କୁମାର ବେହେରା | ୨୧ |
| ୫. | ଶେଷର ସଙ୍କେତ | ଅର୍ଘ୍ୟରୂପା ସ୍ୱାଇଁ | ୨୨ |
| ୬. | ମୋ ଗାଆଁ | ଶିବ ଚରଣ ମହାପାତ୍ର | ୨୩ |
| ୭. | ଟିକେ ବୁଝନ୍ତ | ରବୀନ୍ଦ୍ର ମାହାଲି | ୨୬ |
| ୮. | ମା | ସୁରେସ ଚନ୍ଦ୍ର ରାଉତ | ୨୮ |
| ୯. | ବେଦରଦୀ | ସୁନିତା ବାରିକ | ୩୦ |
| ୧୦. | ତିନୋଟି ଖରା | ପ୍ରଜ୍ଞା ନିବେଦିତା ନାୟକ | ୩୧ |
| ୧୧. | ଫେରି ଆସ ମୌସୁମୀ | ହୃଦୟାନନ୍ଦ ପଧାନ | ୩୩ |

| କ୍ର.ସଂ | ବିଷୟ | ଲେଖକ/ଲେଖିକା | ପୃଷ୍ଠା |
|---|---|---|---|
| ୧୨. | ଦୀନବନ୍ଧୁ ଦଇତାରି | ନରେନ୍ଦ୍ର ପ୍ରସାଦ ବେହେରା | ୩୪ |
| ୧୩. | ଶ୍ରୀଗୁରୁ ଅବତାର | ଅଲେଖ ଚନ୍ଦ୍ର ବେହେରା | ୩୫ |
| ୧୪. | ସଂଧ୍ୟା | ଲଳିତ କବି ଧ୍ରୁବ ଚରଣ ସ୍ୱାଇଁ | ୪୧ |
| | **ଗଦ୍ୟ ବିଭାଗ** | | |
| ୧୫. | ଶୂନ୍ୟବାଦ ଓ ଗୁରୁବାଦ | ଲଳିତ କବି ଧ୍ରୁବ ଚରଣ ସ୍ୱାଇଁ | ୪୩ |
| ୧୬. | ଅଧା ପାଗଳର କମାଲ୍ କଥା | ପ୍ରଶାନ୍ତ କୁମାର ବେହେରା | ୪୬ |
| ୧୭. | ସଂପ୍ରଦାୟ ଏବେ ପତନାଭିମୁଖେ | ରୋଜା ପଣ୍ଡା | ୫୮ |
| ୧୮. | ପିତାମହ | ପ୍ରଶାନ୍ତ କୁମାର ନାୟକ | ୬୫ |
| ୧୯. | ବାଇ ଚଢେଇ ବସା | ରାଧାମୋହନ ମିଶ୍ର | ୭୮ |

# ପ୍ରାର୍ଥନା

ଲଳିତ କବି ଧ୍ରୁବ ଚରଣ ସ୍ୱାଇଁ

ଜୀବନ-ପ୍ରଭାତେ ତୁମରି ଆଲୋକ
ପଡେ ଯେବେ ପ୍ରଭୁ ଝରି ।
କୋଟି ଜନମର କଳୁଷ ତିମିର
କ୍ଷଣେ ଯାଏ ଅପସରି ।
ଘନ ଅନ୍ଧକାରେ ବିଶ୍ୱର ରୂପ
ଦେଖଇ ଜନମ ଅନ୍ଧ ।
ବଧିର ହୁଅଇ ଶ୍ରବଣଶୀଳ
ମୂକ ଗାଏ ଗୀତ ଛନ୍ଦ ।
ପଙ୍ଗୁ ଲଙ୍ଘି ଯାଏ ଦୁର୍ଗମ ଗିରି
ଅସୀମ ଶକତି ଧରି ॥୧
ଶୁଷ୍କ ପାଦପ ପଲ୍ଲବୀ ଉଠଇ
ସାଗରେ ଭାସଇ ଶିଳା ।
ଶୂନ୍ୟ ମରୁର ବକ୍ଷେ ରଚଇ
ଶୀତଳ ଝରଣା ଲୀଳା ।
ଦରିଦ୍ର କୁଟିରେ କୁବେର ସମ୍ପଦ
ଅବିଳମ୍ବେ ଯାଏ ଭରି ॥୨

ଜହ୍ନିତଇଳା, ଢେଙ୍କାନାଳ

# ପଦ୍ୟ ବିଭାଗ

# ଚନ୍ଦ୍ର ପ୍ରତି

ଲଳିତ କବି ଧ୍ରୁବ ଚରଣ ସ୍ୱାଇଁ

ସୁଶୀତଳ  ନିର୍ମଳ ପୂର୍ଣ୍ଣ ଚନ୍ଦ୍ରମା
ରୂପକୁ ସଂସାରେ ତୋ କାହିଁ ଉପମା ।
କ୍ଷୀରାବ୍ଧି- ସୁତ-ପୂତ-ଧବଳ ତନୁ
ତୋ ରୂପ ଦେଖି ଦୁଃଖ ପାଶୋରେ ମନୁ ॥

ବାଳୁତ କାଳେ ମାତାକୋଳେ ତୋ ମୁଖ
ଦେଖି ପାଶୋରିଥିଲି କ୍ରନ୍ଦନ ଦୁଃଖ ।
ଜଗତ ହିତରତ ତୁ ଜହ୍ନମାମୁଁ
ଢାଳୁ ତୁ ସ୍ନେହ-ସୁଧା ସରଗ ଧାମୁଁ ॥

ପ୍ରଚଣ୍ଡ ରବିକର କରି ଗ୍ରହଣ
ବିତରୁ ବିଶ୍ୱପ୍ରାଣେ ସ୍ନିଗ୍ଧ କିରଣ ।
ତୋ ସମ ଅଛି କାହିଁ ମହତ ଜନ
ପର ପାଇଁ ସହୁ ତୁ ଦୁଃଖ-କଷଣ ॥

ନିବିଡ ଅନ୍ଧକାରେ ସୁପ୍ତ ଅବନୀ
ଢାଳୁ ତୁ ଶୁଭ୍ରାଲୋକ ସାରା ରଜନୀ ।
ତୋ ଯୋଗୁଁ ଭ୍ରାନ୍ତିହୀନ ତମିସ୍ରା ରାତ୍ରି
ଆନନ୍ଦେ ନାନା ସ୍ଥାନେ ଭ୍ରମନ୍ତି ଯାତ୍ରୀ ॥

ଆନନ୍ଦେ ଶିଶୁଗଣ କରନ୍ତି ନାଟ
ବସଇ ଠାବେ ଠାବେ ଜ୍ୟୋଛ୍ନା-ହାଟ ।
ଧବଳମୟୀ ବେଶେ ପ୍ରକୃତି ରାଣୀ
ହସି ହସାଇ ନିଏ ମନକୁ ଟାଣି ॥

ତୋ ବିମ୍ବୁ ଜ୍ୟୋସ୍ନାପାନ କରି ଚକୋର
ବିରହ- ଦୁଃଖ ମନୁ ଯାଏ ପାଶୋର ।
ସରସୀ ଜଳେ ଢଳି ଢଳି କୁମୁଦ
କାନ୍ତ ମୁଖ ଦର୍ଶନେ ଲଭଇ ମୁଦ ॥

ତୋ ରୂପ ଦେଖି ନିନ୍ଦୁଥାଇ ତସ୍କର
ଶ୍ରୀବନ୍ତେ ଯଥା ପରଶିରୀ କାତର ।
ଅଧର୍ମୀ ଯଥା ନିନ୍ଦେ ଶାସ୍ତ୍ର ବଚନ
ସ୍ୱାର୍ଥବଶେ ଅଜ୍ଞାନ ହୁଅଇ ଜନ ॥

ତୋ ଅଙ୍ଗେ ଶୋହେ କୃଷ୍ଣ ମୃଗକଳଙ୍କ
ଶାୟିତ ବିଷ୍ଣୁ ଯଥା କ୍ଷୀରାବ୍ଧି ଅଙ୍କ ।
ବିଶ୍ୱ-ଜନନୀ ଅନ୍ନପୂର୍ଣ୍ଣା ସୋଦର
ଉଦାର ଗୁଣେ ପୂର୍ଣ୍ଣ ତୋ ହୃଦାନ୍ତର ॥

ସୁଧା-ସୋଦର ରୌଦ୍ରତାପ ଖଣ୍ଡନ
ସୁଧାଂଶୁ ବିଷକଣ୍ଠ-ମୌଳି-ମଣ୍ଡନ ।
କଳାନିଧି ତୁ ପୂର୍ଣ୍ଣ କଳା-ବିଭବେ
ପୁଣ୍ୟ-ଗୌରବ-ଯଶଃ-କୀର୍ତ୍ତି-ସୌରଭେ ॥

ନକ୍ଷେତ୍ରମାଳେ ପୂର୍ଣ୍ଣ ହେଲେ ଆକାଶ
ଘନ ତିମିର କେବେ ନହୁଏ ନାଶ ।
ତୋ କରେ ହୁଏ ବିଶ୍ୱ-ପୁର ଉଜ୍ଜ୍ୱଳ
ସୁପୁତ୍ର କରେ ଯଥା କୁଳ ଉଜ୍ଜ୍ୱଳ ॥

ମହିମାମୟ ମୁଖେ ତୋର ମହିମା
ବର୍ଣ୍ଣି ପାରିବ କିଏ ନାହିଁ ତା' ସୀମା ।
ବ୍ରହ୍ମ ସ୍ୱରୂପେ ବେଦ ତୋ ନାମ ଭଣେ
କରତା ଅଟୁଁ ତୁହି ସୃଷ୍ଟି କାରଣେ ॥

ଜହ୍ନିତଇଲା, ଢେଙ୍କାନାଳ

# ନାରୀ

ସଂଯୁକ୍ତା ରାଉତ

ଫୁଲ ଠୁଁ କୋମଳ ସେ ଯେ
ସ୍ୱପ୍ନ ଠୁଁ ସୁନ୍ଦର ।
ଆକାଶ ଠୁଁ ବିଶାଳ ସେ
ସାଗରୁ ଗଭୀର ॥

ଗଙ୍ଗା ସମ ପବିତ୍ରା ସେ
ମମତା ନିର୍ଝର ।
ପର୍ବତ ସମ ସେ ଦୃଢ଼
ପ୍ରତିଜ୍ଞାରେ ଚିର ॥

ସହନଶୀଳତା ଗୁଣ
ପୃଥ୍ୱୀ ସମ ତାର ।
ତେଜ ବୀର୍ଯ୍ୟ ସୂର୍ଯ୍ୟ ଠାରୁ
ଆହୁରି ପ୍ରଖର ॥

ଜନନୀ ଭଗିନୀ ଜାୟା
କନ୍ୟା ରୂପ ନେଇ ।
ନିରନ୍ତର ଜଗତର
ମଙ୍ଗଳ ଇଛଇ ॥

ନାନା ରୂପେ ସଦା କରେ
ଧର୍ମର ପାଳନ ।
ଧର୍ମ ମାର୍ଗେ ଏ ଧରାକୁ
କରେ ସେ ଚାଳନ ॥

ଦୁଃଖକୁ ଛାତିରେ ଚାପି
ସୁଖ ବାଣ୍ଟି ଥାଏ ।
ନିଜ ସଂସାରକୁ ସିଏ
ସ୍ୱର୍ଗ ମଣୁ ଥାଏ ॥

ପିତା ପତି ପୁତ୍ରଙ୍କର
ମାର୍ଗଦର୍ଶିକା ସେ ।
ସତ୍ ମାର୍ଗ ଦେଖାଏ ସଦା
ଥାଇଁ ପାଶେ ପାଶେ ॥

ନିଜ ସୁଖ ଶାନ୍ତିକୁ ସେ
ହେୟ ଜ୍ଞାନ କରେ ।
ସଂସାରକୁ ସେବା ଦେଇ
ଆନନ୍ଦରେ ଭରେ ॥

ପୁରୁଷର ଶକ୍ତି ହୋଇ
ପୁରୁଷାର୍ଥ ଚାହେଁ ।
ଯୁଗେ ଯୁଗେ ପ୍ରେରଣାର
ଉତ୍ସ ହୋଇ ରହେ ॥

ମମତାର ପଣତ ତା'
ସୁରକ୍ଷା ବଳୟ ।
ପ୍ରେମ ଦାନେ ସଂସାରକୁ
କରେ ମଧୁମୟ ॥

ଦୟା କ୍ଷମା ମମତାର
ସେ ଅଟେ ପ୍ରତୀକ ।
ପର ଆପଣାର ଭାବ
ତା' ପାଖେ ଅଳୀକ ॥

ଏତେ ପରେ ନାହିଁ ତା'ର
ନିଜ ସ୍ୱାଧୀନତା ।
କିଏ କେବେ ବୁଝେନା ତା'
ଅନ୍ତରର ବ୍ୟଥା ॥

ସୃଷ୍ଟିର କଲ୍ୟାଣେ ସିଏ
ଚିର ସହାୟିକା ।
ପରିବାର ସମ୍ମୁଖେ ସେ
ବୋଲାଇ ସେବିକା ॥

କେବେ କେବେ ଭାଙ୍ଗି ଯାଏ
ତା' ଆଶାର ନୀଡ ।
ପ୍ରତାରଣା ନିର୍ଯାତନା
ମିଳେ କୁଢ କୁଢ ॥

ଅହଂକାରୀ ପୁରୁଷର
କାମନା ବହ୍ନିରେ ।
ସ୍ୱପ୍ନର ସଉଧ ତାର
ଜଳେ ନିମିଷରେ ॥

ନିର୍ଲିପ୍ତ ଚିତ୍ତରେ ସବୁ
କରେ ସେ ହଜମ ।
ନିନ୍ଦା ଅପନିନ୍ଦାକୁ ସେ
ଭାବେ ତା' କରମ ॥

କେବେ ଚାରି କାନ୍ଥ ମଧ୍ୟେ
ଯନ୍ତ୍ରଣା ଆବଦ୍ଧ ।
କେବେ ରାଜ ଦାଣ୍ଡେ ହୁଏ
ଇଜ୍ଜତର ବଧ ॥

ଧୈର୍ଯ୍ୟ ସାହାସ ବୀରତ୍ୱେ
ସେ ଯେ ସର୍ବଂସହା ।
ଯୁଗେ ଯୁଗେ ତେଣୁ ନାରୀ
ଚିର ବନ୍ଦନୀୟା ॥

ଜୟପୁର, କୋରାପୁଟ

# ସଂପର୍କ ଡୋରି

ଅକ୍ଷୟ କୁମାର ବେହେରା

ବୋହି ଯାଉଥିବା ଜଳସ୍ରୋତର ଦୁଇ କୂଳକୁ
ସଂଯୋଗ କରୁଥିବା ପୋଲ ହିଁ ହେଉଛି
ସଂପର୍କ ଯୋଡିବାର ଏକ ମାଧ୍ୟମ...
ଏ ଅବୁଝା ମଣିଷ ନୂତନ ସଂପର୍କ ଗଢିବାକୁ
ସର୍ବଦା କରିଚାଲିଥାଏ ଉଦ୍ୟମ...
ସେ ହୋଇପାରେ ନିଜର ସ୍ୱାର୍ଥ ହାସଲ ପାଇଁ
କିମ୍ବା ମନର ଆବେଗରେ ନିଜକୁ ଅନ୍ୟ
ଠାରେ ସମର୍ପି ଦେବା ଅତି ଆପଣାର ସମ...
ଦୁଇ ହୃଦୟର ପବିତ୍ର ମିଳନରେ ସଂପର୍କ
ଚିରଦିନ ରହିଥାଏ ତିଷ୍ଠି...

ସୁନାର ସଂସାର ପୁଣି ଭାଙ୍ଗି ଚୂରମାର
କରିଦିଏ, ଯଦିଥାଏ ଟିକିଏ ତୃଟି...
ସଂପର୍କ କେତେବେଳେ ପୂର୍ଣ୍ଣିମା ରାତିର ଚାନ୍ଦ,
ତ ପୁଣି କେତେ ବେଳେ ଅମାବାସ୍ୟାର
ଅନ୍ଧକାର ଥାଏ ଘେରି...
ବୁଦ୍ଧିଜୀବି ନିଜ ବିଚାର ବଳରେ
ସଂପର୍କ ସିନ୍ଧୁ ହୋଇଯାଏ ପାରି...
ଅଜ୍ଞାନୀ ମଣିଷ ସଂପର୍କ ଅଡୁଆ ସୂତାରେ
ଛନ୍ଦି ହୋଇ ଦୁଃଖରେ ହୁଅଇ ଘାରି...
ଏମିତି ହେଉଛି ଏ ସଂପର୍କ ଡୋରି...

କେନ୍ଦୁଡିହା, ମୟୂରଭଞ୍ଜ

# ଶେଷର ସଙ୍କେତ

ଅର୍ଘ୍ୟରୂପା ସ୍ୱାଇଁ

ବାହାରେ ପବନର କ୍ଷିପ୍ର ବେଗ, ମନରେ ବନ୍ୟା
ହଜାରେ ପ୍ରଶ୍ନ, ହଜାରେ ପ୍ରହସନ, ଲୁପ୍ତ ସପନ ;

ମାଟିର ଜୀବନ, କାଚର ଦହନ, ଶୂନ୍ୟର ଅଧିକାର
ଶେଷର ଆଗମନ, ଆରମ୍ଭର ଖୁସିର ବିଦାୟ ;

ଡାକୁଥିଲେ ଡାଏରୀର ପୃଷ୍ଠା, ବସିଥିଲେ କାନଡେରି
କରୁଥିଲେ ବାହାନା ,ଶୁଣିବାକୁ ଅକୁହା କାହାଣୀ ;

ଝଡ ପରି ଡର ସବୁ, ଭାବନାରେ ବହୁଥିଲା
ହୁଏତ ଏଇଟା ଗୋଟେ ଶେଷର ସଂକେତ ଥିଲା ;

ଲେଖିବାକୁ ନଥିଲା ଲେଖକ, ଆଉଥରେ ମରୁଥିଲା
ହୁଏତ ସେଦିନ ଲୁହସବୁ ସେ ଡାଏରୀ ଦେଖିଥିଲା ;

ରାତି ବି ଥିଲା କଥାକୁହା, କାହା କଥା କହି ଚାଲିଥିଲା
ବୁଝିବାକୁ ନଥିଲେ କେହି, ନିଜ କଥା ନିଜେ ଶୁଣୁଥିଲା..

ସତ ପରି ମିଛ ସବୁ ଆପଣାର ଲାଗୁଥିଲା
ହୁଏତ ଏଇଟା ଗୋଟେ ଶେଷର ସଙ୍କେତ ଥିଲା...

ଢେଙ୍କାନାଳ

# ମୋ ଗାଆଁ

ଶିବ ଚରଣ ମହାପାତ୍ର

ସମୀର ବାହୁଛି ଛଳନାର ଗନ୍ଧ
ମାଟି ଓଗାଳୁଛି ନିଆଁ ।
ଗାଧୁଆ ତୁଠରେ ମନ ପଡି ମରେ
ବଦଳୁଛି ମୋର ଗାଆଁ ॥

ମୋ ଗାଆଁ ଏବେ ଗାଆଁ ହୋଇ ନାହିଁ
ସହରୀ ପବନ ଛୁଉଁଛି ।
କାଚର ପୃଥିବୀ କାଚର ହୃଦୟ
ନୂଆ ଅଭିସନ୍ଧି ରଚିଛି ॥

କାଚ ମନ ନେଇ ମୋ ଗାଆଁ ଆଜି
ଝରଣା ଆଇନା ଦେଖୁଛି ।
ବିଲ ହୁଡା ମାଳ ନଜରରେ ତା'ର
ବାର୍ଦ୍ଧକ୍ୟ ପରାୟ ଦିଶୁଛି ॥

ସାତ ଋତୁ ସତ ସଉତୁଣୀ ପରି
ଦେଖନ୍ତିନି ମୁହଁ ଚାହିଁ ।
ଶରତ ହେମନ୍ତ କେତେଦିନ ହେବ
ଯାଇଛନ୍ତି ପର କହି ॥

ପାହାନ୍ତି ପ୍ରହରେ ସଂସ୍କାର ଶୋଇଛି
ପାଶ୍ଚାତ୍ୟ ସପନ ଧରି ।
ନୀତି ପରମ୍ପରା ଦାଦନ ଖଟନ୍ତି
ଐତିହ୍ୟ ଛାତିକୁ ଚିରି ॥

ଓଢଣୀ ଫାଙ୍କରେ ହସେ ନାହିଁ ଜହ୍ନ
ସଂସ୍କୃତି ଲାଗେ ମିଛେଇ ।
ମାଟି ବିଛଣାରେ ଶୋଉନି ମୋ ଗାଆଁ
ନିଶି କୋଳେ ମୁଣ୍ଡ ଥୋଇ ॥

ଗୋଧୂଳି ଲଗନ ମଉଳା ପଡିଛି
ଗାଇଆଳ ବଂଶୀ ନିଃଶବ୍ଦ ।
ଆମ୍ବତୋଟା ମାଳେ ନିତି ଖରା ବେଳେ
ଲୁଚେନା ଆକାଶ ବଉଦ ॥

ହଳଦୀ ତୁଠଟା ନବ ଯଉବନା
ଲାଜେ ମୁହଁ ପୋତୁ ନାହିଁ ।
ଠୋ ଠୋ ହସି ଉଲଗ୍ନା ସାଜିଛି
ବାସ ତାର ଫିଙ୍ଗି ଦେଇ ॥

ସକେଇ କାନ୍ଦୁଛି ବୁଢୀ ମା' ମୋର
ମଧୁରତା ସ୍ନେହ ପାଇଁ ।
ଏ ମାଟି ଚନ୍ଦନ ପବିତ୍ର ମହକ
କିଏ ଚାଲିଗଲା ନେଇ ?

ଝରଣା ଗାଉନି ମଧୁର ମୂର୍ଚ୍ଛନା
ବିହଙ୍ଗ ବିମୁଗ୍ଧ ତାନ ।
ଗିରି ତରୁଲତା ହରା ବନାନୀରୁ
କିଏ କାଢି ନେଲା ମନ ॥

ଫଗୁଣ ଓଠରେ ବଉଳ ହସୁନି
ଶ୍ରାବଣେ ଶୁଖିଲା ମାଟି ।
ଶୀତରେ ଥରୁନି ମୋ' ଗାଆଁ ଛାତି
ଖରାରେ ଶେକୁନି ପିଠି ॥

ତୁଳସୀ ଚଉରା ନିତି ସଞ୍ଜେ ଝୁରେ
ଦୀପ ଶିଖା ପ୍ରେମ ପାଇଁ ।
ଶଙ୍ଖ ହୁଳହୁଳି ଘଣ୍ଟ କରତାଳି
ମଠ ଘରେ ଶୁଭୁନାହିଁ ॥

ଦୋଳ ମେଲଣରେ ରାଧା କୃଷ୍ଣ କାହିଁ
ଉଲଗ୍ନା ନର୍ତ୍ତକୀ ଭିଡ ।
ଫଗୁଆ ଅବିର ରଙ୍ଗ ଲାଗେ ଫିକା
ଦେହ ଖୋଜେ ନିଆଁ ରଡ ॥

ସଞ୍ଜ ବୁଡି ଯାଏ ନଇ ମୁଣ୍ଡ ଧାରେ
ଗାଉନି ନାଉରୀ ଗୀତ ।
କୁମାର ପୁନେଇଁ ଖାଁ ଖାଁ ଲାଗେ
ନାହିଁ ସେ ସଇ ସଙ୍ଗାତ ॥

ଆଉଥରେ କିବା ହସିବ ମୋ ଗାଆଁ
ପ୍ରକୃତି ଚୁମ୍ବନ ପାଇ ।
ମଉଳା ଫୁଲଟି ଫୁଟୁ ଆଉ ଥରେ
ସେନେହ ପରଶ ପାଇଁ ॥

ବିସ୍ମୃତି ପ୍ରାୟ ବିସ୍ତୀର୍ଣ୍ଣ ମୋ ଗାଆଁ
ଇତିହାସ ପୃଷ୍ଠେ ଠିଆ ।
ବିସ୍ମରିବା ଆଗୁ ମାଟି ମାଆ ଡାକେ
ଧନ' ମୋ କୋଳକୁ ଫେରି ଆ'..
ଧନ' ମୋ କୋଳକୁ ଫେରି ଆ' ॥

ଚକ୍ରଧରପୂର, କେନ୍ଦୁଝର

# ଟିକେ ବୁଝନ୍ତ

ରବୀନ୍ଦ୍ର ମାହାଲି

ହୃଦୟ ମୋ ଫାଙ୍କା
ପଡ଼ିଛି ଏଇଠି,
ତୁମ ବିନା ଜଡ
ପାଲଟି ସାରିଛି ;
ପ୍ରେମ କରନ୍ତ କି ଟିକେ
ଚଗଲା ବୟସରେ ।

ଚଳିବାକୁ ନ ଚାହିଁ
ଜିଇଁବାକୁ ଚାହେଁ,
ତୁମବିନା ପ୍ରିୟା
ଏକା ଏକା ଲାଗେ ;
ସାଙ୍ଗ ଦିଅନ୍ତ କି ଟିକେ
ନିସଙ୍ଗ ପଥରେ ।

ଭଲ ମୁଁ ପାଇବି
କଥା ଟି ଦେଉଛି,
ପ୍ରେମ ରାଇଜରେ
ଘର ବି ତୋଳିଛି ;
ବିଶ୍ୱାସ ରଖନ୍ତ କି ଟିକେ
ନିର୍ଭୟ ମନରେ ।

ଚାଲି ଆସ ପ୍ରିୟା
ହୃଦୟ ଖୋଜୁଛି,
ପାଇନାହିଁ ବୋଲି
ଏ ମନ ଖୋଜୁଛି ;
ପୂଜା ପାଆନ୍ତ କି ଟିକେ
ମୋ ମନ ମନ୍ଦିରେ ।

ଦେଖିନାହିଁ ବୋଲି
ଖୋଜେ ଏଇ ଆଖି,
ରକତ ଗୋଲାପ
ଯାଉଅଛି ଶୁଖି ;
ନେଇ ଯାଆନ୍ତ କି ଟିକେ
କୋମଳ ହାତରେ ।

ବଞ୍ଚିବାର ବାଟ
ବତାଇ ମୁଁ ଦେବି,
ତୋ ପ୍ରେମ ପାଇଁ
ଜୀବନ ହାରିବି ;
ରହି ଯାଆନ୍ତ କି ଟିକେ
ହୃଦୟ ଫାଙ୍କରେ ।

ବସନ୍ତପୁର, ମୟୂରଭଞ୍ଜ

# ମା

ସୁରେସ ଚନ୍ଦ୍ର ରାଉତ

ତୋତେ ଫୁଲ ଟିଏ ଦେଇ ପୂଜୁଛି ମା’ ନିତି
ଆଉକି ପାରିବି ଦେଇ,
ତୋହରି ସେନେହ ମମତା ସାଇତି
ହୃଦୟେ ରଖିଛି ମୁହିଁ ;
ସେହି ପ୍ରେମ ଡୋରି          ମୋ ଗଳାରେ ଭିଡି
ରଖିଥିବୁ ମା’ ଲୋ          ତୋ ପାଦରେ ଭିଡି
ଆଉ କିଛି ଲୋଡା ନାହିଁ ।
ପୂଣ୍ୟ ଗଙ୍ଗାଜଳ ନୟନରୁ ଢାଳି
ତୋ ପାଦ ଦେବି ମୁଁ ଧୋଇ
ମା’ ଆଉକି ପାରିବି ଦେଇ !

ତୁହି ଏକା ମା’ ମୋ ପ୍ରେମ ମନ୍ଦିର
ପରଶ ଚନ୍ଦ୍ର କିରଣ,
ପାରା ଟିଏ ହୋଇ ତୋ କୋଳେ ଘୁମୁରେ
ଲୋଡା ନାହିଁ ଉପବନ ;
ଭକତି ପୁଷ୍ପ ମୁଁ          ପାଦ ତଳେ ଢାଳି
କରୁଥିବି କେତେ          ମୁଁ ଅଝଟ ଅଳି
ଝାଡି ଦେବୁ ଦେହ ଧୂଳି,

ରଜ ପରେ ଲୋଟି ଝରାଇବି ଅଶ୍ରୁ
କୋଳକୁ ନେବୁ ମା' ତୁହି
ମା ଲୋ ମୁଁ ଆଉ କି ପାରିବି ଦେଇ ?
ମା' ମା' ମା' ...

କଟକ

# ବେଦରଦୀ

ସୁନିତା ବାରିକ

ବେଦରଦୀ ବନ୍ଧୁ ମୋର
ଦେଇଗଲା ଦରଜ,
ଛାତି ତଳେ କୁହୁଳୁଛି
ଧୂଆଁ ଅନବରତ ;
ବିଶ୍ୱାସ ରେ ଦେଲୁ ବିଷ,
କହ କାହା ପାଇଁ କି
କେଉଁ ଅପରାଧେ କହ ?
ଦେଲୁ ଏହି ଶାସ୍ତି ଟି
ମାଗି ତ ନଥିଲି କିଛି,
ନଥିଲା ବି ଅଭିଯୋଗ
ତଥାପି ତୁ ଅଭିମାନେ
ଫେରେଇଲୁ ତୋ ମୁହଁ
କେତେ ସରାଗରେ ମୁଁ ଯେ
ସଜେଇଲି ସପନ,
ସପନ ମୋ ଚୂନା ହେଲା
ଉଜୁଡା ମୋ ଜୀବନ
ଝୁରିବାକୁ ଇଚ୍ଛା ହୁଏ
ଝୁରେ ନାହିଁ କାହିଁକି ?
ବୋଧେ ମୋର ଲୁହ ସବୁ
ଲହୁ ହୋଇ ଝରୁଛି
ତୋର ଏ ପ୍ରତାରଣା
କୁହୁଳାଏ ଜୀବନ,
ତଥାପି ତୋ ଚଲାବାଟେ
ସାଜିବିନି କଣ୍ଟକ,
ତୋ ଜୀବନ ମଧୁବନେ
ମୋର ସ୍ମୃତି ସବୁ ଅଲୋଡା
କହିବିନି କାହା ଆଗେ
ଦିନେ ତୁ ଥିଲୁ ମୋ ପ୍ରେମିକା.......

ଦକ୍ଷିଣକାଳୀ ରୋଡ୍, ଢେଙ୍କାନାଳ

# ତିନୋଟି ଖରା

ପ୍ରଜ୍ଞା ନିବେଦିତା ନାୟକ

ସକାଳ ଖରା

-------------

ଏବେ ଏବେ ସତେଜ ଖରାକୁ

ସ୍ୱାଗତ କରି ଆବାହନକରେ

ନୂଆ ଏକ ସଂଭାବନା,

ଗାଧୁଆ ତୁଠ ଚଉରା ମୂଳ

ଆଉ ପଖାଳ କଂସାରୁ ;

ହଁ ଏବେ ଯିବାର ଅଛି

ଲକ୍ଷ୍ୟପଥକୁ ।

ଦ୍ୱିପ୍ରହର ଖରା

-------------

ସୁରୁଜ ମୁଣ୍ଡ ଉପରକୁ ଆସିଗଲା ପରେ

ଏବେ ସବୁଆଡ଼ ତାତି

ରାସ୍ତାଘାଟରେ ତାତି

ଅଫିସ୍ ଟେବୁଲରେ ତାତି

ଗିଲାସେ ପାଣିରେ ତାତି

ପେଟରେ ତାତି

ଦେହରେ ତାତି

ଖାଲି ତାତି ହିଁ ତାତି

ଏବେ ସହିବାକୁ ହେବ ଦେହରେ ମାରି ।

ସନ୍ଧ୍ୟାବେଳ ଖରା

----------------

ନାଲି ପେଣ୍ଡୁଟା ଟିକେ ଦୂରକୁ ଘୁଞ୍ଚି ଗଲାପରେ
ଏବେ ଚାରିଆଡ଼ ଲାଲିମା
ଘାସ ଗାଲିଚା ସବୁଜ ଚିକ୍କଣ
ଚକୋଲେଟ୍ ଆଇସକ୍ରିମ୍
ଗୋଲାପ କଢି ସଜସଜ
ସହରଟା ଓଦା ସରସର
କାଠଯୋଡି ବତାୟନେ ଅଧିର
ଦେହମନ ବି ଶୀତଳ
ଆସ ଏବେ ଭୋଗିବାକୁ ହେବ
ଖୋଲା ଆକାଶ ଛାତିରେ
ଜହ୍ନରାତିକୁ ଆଉ
ଅପେକ୍ଷା କରିବାକୁ,
ପୁଣି ଗୋଟେ ତାତିକୁ....

ପିକୋଳ, ସାଲେପୁର

# ଫେରି ଆସ ମୌସୁମୀ

ହୃଦୟାନନ୍ଦ ପଧାନ

ଆସ ମୌସୁମୀ ଫେରିଆସ

ଏତେ ଅଭିମାନ କାହଁକି ;

ଏତେ ତାସଲ୍ୟ କାହଁକି

ଆଉ କେତେ ଗଳା ଫଟାଇ ଚିତ୍କାର କରିବି

ହେ ସଖୀ ! ଅତି ଶୀଘ୍ର ଫେରି ଆସ ।

ପଛକୁ ଅନାଇ ଦେଖ

କି ରୂପ ହୋଇଛି ଧରିତ୍ରୀର

ପାଣ୍ଡୁର ହୋଇ ବିଦୀର୍ଣ୍ଣ ହୋଇ ଗଲାଣି ଏ ମାଟି

ଜଳବୁନ୍ଦାଏ ବି ନାହିଁ ବର୍ଷୁଛି ରୁଦ୍ରର ତାତି ।

ଥର ଟିଏ ଆଖି ଖୋଲି ଦେଖ

ମୋ ମା'କୁ ମୋ ଜନ୍ମ ଭୂମିକୁ

ତୁମ ବିନା କାନ୍ଦୁଛି ସେ ଆଖିରୁ ଲୋତକ ଝରାଇ

କାନ୍ଦୁଛି ତା ସନ୍ତାନ ମାନଙ୍କ ପାଇଁ ।

କେତେ କାଳ ହେଲା

ଅପେକ୍ଷା କରିଛି ତୁମକୁ

ବୃକ୍ଷରେ ଏବେବି ପତ୍ର କଅଁଳିନି

ଚାତକିର ତୃଷ୍ଣା ଏବେ ବି ମେଣ୍ଟିନି

ଅପେକ୍ଷାରତ ସେ ତୁମ ଫେରିବା ବାଟକୁ ଚାହିଁ ।

ସୁବର୍ଣ୍ଣପୁର

# ଦୀନବନ୍ଧୁ ଦଇତାରି

ନରେନ୍ଦ୍ର ପ୍ରସାଦ ବେହେରା

ଜଗତେ ପଡୁଛି ହୁରି
ଦୀନବନ୍ଧୁ ଦଇତାରି ।
ତୁମେ ନରଖିଲେ ପ୍ରଭୁ
ଜୀବ ଯିବ ବାହାରି ॥

କିଏ କାନ୍ଦେ କିଏ ହସେ
ହୋଇ ବଡ଼ ଭିକାରୀ ।
ତୁମେ ତ ହସୁଛ ବସି
ଭାଇ-ଭଗ୍ନୀ ସାଥେ ଧରି ॥

ହସୁଛି ଗଛ ପତର
ନିର୍ଦ୍ଦେଶ ପାଇ ତୁମରି ।
ମୋ ବେଳକୁ କାହିଁ ତୁମେ
ହେଉଛ ଏଡ଼େ ଭଗାରି ॥

ଦୁନିଆଁ ଜାଣେ ତୁମକୁ
ଭାବ ବିନୋଦିଆ ହରି ।
ସଭିଙ୍କର ହର ଦୁଃଖ
ସୁଖକୁ ଟିକେ ପଚାରି ॥

ମୁଁ କାହିଁକି ଏତେ ଦୁଃଖ
ପାଉଛି କହ ବିଚାରି ।
ନ ଘୁଞ୍ଚିବ ଯଦି ଦୁଃଖ
କାହିଁକି ଡାକିବି ହରି ॥

କରୁଛି ଶପଥ ଆଜି
ଯିବିନି ତୋ ଦାଣ୍ଡୁ ଫେରି ।
ଦୁଃଖକୁ ନିଅ ଫେରାଇ
ସୁଖ ଦିଅ ହୃଦେ ଭରି ॥
ଦୀନବନ୍ଧୁ ...

ଖଇରା,ବାଲେଶ୍ୱର

# ଶ୍ରୀଗୁରୁ ଅବତାର

ଅଲେଖ ଚନ୍ଦ୍ର ବେହେରା

କେତେ ବିପତ୍ତି ହେ, ଶ୍ରୀଗୁରୁ ପଡୁଛି, କେମିତି ନୀରବ ଅଛ
କପଟି କପାଳ, କାରୁଣ୍ୟରେ ମାରେ, କରୁଣା ଉଣା କରୁଛ ॥୧

ଖଣ୍ଡ ଏ ସମୟ, ଖେଞ୍ଚି ଖେଞ୍ଚି ମାରେ, କିଞ୍ଚିତ ରଖ ଅଲେଖ
ଖଣ୍ଡନା କର ହେ, ଅବନା ମନ୍ଦିରୁ, କ୍ଷିତିରେ ହେଉ ପ୍ରତକ୍ଷ ॥୨

ଗଞ୍ଜନା ନକଲେ, ଜୀବନ ଯନ୍ତ୍ରଣା, ପୟପୁରବାସୀ ହୋଇ
ଗଳ୍ପିବେ ନାସ୍ତିକ, ଛାତିକୁ ଫୁଲେଇ, ତୁମ ସ୍ଥିତି ମିଥ୍ୟା କହି ॥୩

ଘୋଟି ଅଛି ଦୁଃଖ, ଅଖିଳ ସାମ୍ରାଜ୍ୟ, ସମ୍ରାଟ ବୁଝ ବେଦନା
ଘୋଡାଇ ରଖନ୍ତୁ, ପୂଣ୍ୟ ଘଣ୍ଟ ତଳେ, ଟେକିରଖ ଧର୍ମ ବାନା ॥୪

ଚକ୍ରାନ୍ତ ନକର, ଶଙ୍ଖ-ଚକ୍ରଧାରୀ, ଚତୁରେ ଗୋଲକେ ରହି
ଚାରୁଚନ୍ଦ୍ର ରୂପ, ଗଦା ପଦ୍ମ ବହି, ଅଗୋଚର ହୁଅ କାହିଁ ? ॥୫

ଛାତିରେ ବହିଛ, ଶ୍ରୀବତ୍ସ ଗୋଇଠା, ଏଡେ ଦୟାବନ୍ତ ତୁମେ
ଛାମୁ ! ଅଜ୍ଞାନରେ, ନିନ୍ଦିଲା ଅଲେଖ, ଡାକି ପ୍ରଣଖିଆ ନାମେ ॥୬

ଜଳେ ବୁଡାଇଲ, ସଚରାଚରକୁ, କଳ୍ପବଟ ମଧ୍ୟେ ରହି
ଜୀବନ ନାବକୁ, କୂଳେ ଲଗାଇଲ, ମୀନ ଅବତାର ହୋଇ ॥୭

ଝଡିଗଲା ଶିରୀ, ଅଳକା ଭୂବନୁ, ଦୁର୍ବାଷାଙ୍କ ଶାପ ବଳେ
ଝଙ୍କାରି ଉଠିଲା, ଦେବତାଙ୍କ ସ୍ୱର, ମହାଶୂନ୍ୟର ମଣ୍ଡଳେ ॥୮

ଅବିନାଶୀ ହରି, ସର୍ବ କଥା ଜାଣି, ବତାଇଲେ ମୁକ୍ତି ମାର୍ଗ
ଆଜ୍ଞା ପାଳି ଦେବେ, ରାକ୍ଷସ ସାଥିରେ, ଚାଲିଲେ ସାଗର ଦିଗେ ॥୯

ଟାଳିବାକୁ କଷ୍ଟ, ସାଗର ମନ୍ଥିଲେ, ବାସୁକି ରଜୁରେ ବାନ୍ଧି
ଟଳାଇଲ ଗିରି, ମନ୍ଦର ଘର୍ଷଣ, କୂର୍ମ ରୂପେ ପୃଷ୍ଠେ ଛନ୍ଦି ॥୧୦

ଠୁଳ ମହାଜଳେ, ମେଦିନୀ ଲୁଚାଏ, ହିରଣାକ୍ଷ କରି ଚୋରି
ଠାକୁର ଉଦ୍ଧାର, କରିଲ ଧରିତ୍ରୀ, ବରାହ ରୂପେ ସଂହାରୀ ॥୧୧

ଡାକେ ପ୍ରହଲ୍ଲାଦ, ବିଷ୍ଣୁ ସର୍ବବିଦ୍ୟ, ଜଡେ - ପ୍ରାଣେ ନାରାୟଣ
ଡରାଇ ପଚାରେ, ହିରଣ୍ୟକଶିପୁ, କେଉଁଠି ସେ ବିଦ୍ୟମାନ ॥୧୨

ଢୋକିଲା ପବନ, କ୍ରୋଧେ କଲା ଚୂର୍ଣ୍ଣ, ମହାଶିଳା ଖମ୍ବ ଯେବେ
ଢୋକାଇ ଜାନୁରେ, ନରସିଂହ ହୋଇ, ଅନ୍ତ ବିଦାରିଲ ତେବେ ॥୧୩

ନାଶ ପୃଥ୍ୱୀରେ, ଅମର ଆଶାରେ, ଅଶ୍ୱମେଧ ଯଜ୍ଞ କରି
ନୋହିଲେ ସମର୍ଥନ, ଭାଙ୍ଗିବାକୁ ତପ, ବଳିକୁ କୋପ ଆଚରି ॥୧୪

ତେତିଶ କଳାର, ଦେବାଧିଶ ଠାରୁ, ବଳିଗଲା ଦାନଭାର
ତ୍ରିପୁରେ ଚହଳ, ବଳିର ସଂସ୍କାର, କାଳେ ନେବ ଇନ୍ଦ୍ରପୁର ॥୧୫

ଥୋକାଏ ମାଗିଲେ, ବାମନ ପାଦରେ, ଦାନ ମିଳୁ ତିନିପାଦ
ଥରିଲା ବ୍ରହ୍ମାଣ୍ଡ, ଦୁଇ ପାଦେ ଯେବେ, ମାଟିରୁ ଆକାଶ ଭେଦ ॥୧୬

ଦାନ ରକ୍ଷା ପାଇଁ, ବଳି ଶିରେ ଦେଇ ପାଦ, ପାତାଳେ ପେଶିଲ
ଦୀନ ଏ ଅଲେଖ, ଭାଷେ ପଦ୍ମମୁଖ, ବାମନ ଲୀଳା ରଚିଲ ॥୧୭

ଧର୍ମ ବୋଲି ବହି, ପିତା ଆଦେଶରେ, ମାତ ଶୀରକୁ ଛେଦିଲ
ଧରା ରକ୍ଷାକଲ, କ୍ଷତ୍ରିୟ ଦାଉରୁ, କ୍ଷତ୍ରିୟକୂଳ ନାଶିଲ ॥୧୮

ନାମ ପର୍ଶୁରାମ, ପରଶୁ ଆୟୁଧ, ମୂନି ରୂପେ ତପ ବହି
ନାରାୟଣ ଅଂଶ, ହେ ପରମ ହଂସ, ଧର୍ମ ସଂସ୍ଥାପନ ପାଇଁ ॥୧୯

ପୁରୁଷଉତ୍ତମ, ଶାନ୍ତ ପ୍ରିୟତମ, ରାମ ଅବତାର ହରି
ପିତା ସତ୍ୟ ପାଇଁ, ଚଉଦ ବରଷ, ବିତାଏ ବନେ ବିହରି ॥୨୦

ଫକୀର ହୋଇଣ, ସୀତାଙ୍କୁ ହରଣ, ରାବଣ ନିଏ ଚୋରାଇ
ଫିଟାଏ ପଥରେ, ସେତୁ ସୁମୁଦ୍ରରେ, ଲଙ୍କା ଗଡେ ପ୍ରବେଶଇ ॥୨୧

ବିଧାତା ହୋଇଣ, ମାନବ ରୂପେଣ, ନାଶକରି ରାବଣକୁ
ବୈଦେହୀ ଉଦ୍ଧାରି, ତେଜି ବନଗିରି, ଅଇଲ ହେ ଅଯୋଧ୍ୟାକୁ ॥୨୨

ବଳେ ଶଙ୍କର୍ଷଣ, ଜନ୍ମିଲେ ଆପଣ, ହଳଧର ବଳରାମ
ବିଶ୍ୱେ ଶିକ୍ଷା ଦେଲ, ଚାଷର ମହାତ୍ମ୍ୟ, ସ୍ୱୟଂ ପ୍ରଭୁ ପରଂବ୍ରହ୍ମ ॥୨୩

ଭୂପତି ସନ୍ତାନ, ଗୌତମ ରୂପେଣ, କଳିକାଳ ମଧ୍ୟେ ଜନ୍ମି
ଭଣ୍ଡୁଆ ସଂସାର, ମୋକ୍ଷର ଦୁଆର, ଖୋଜିବାରେ ଗଲ ଭ୍ରମି ॥୨୪

ମୈତ୍ରୀ ଶାନ୍ତି ଧର୍ମ, ସ୍ଥାପନେ କାରଣ, ଗୃହ ପରିବାର ତେଜି
ମାନବ ମୁକତି, କରିବା ନିମନ୍ତେ, ବୌଦ୍ଧ ଗୁରୁ ରୂପ ସାଜି ॥୨୫

ଯେଉଁ ଗୁରୁ ମୋର, ଜୀବନ ଆଧାର, କଳ୍ପ କଳ୍ପ ଯୁଗକାରୀ
ଯାର ମହିମାରେ, ସକଳ ସମ୍ପଦ, ବ୍ରହ୍ମାଣ୍ଡେ ଅଛି ବିସ୍ତାରି ॥୨୬

ରକ୍ଷା କରିବାକୁ, ଘୋର କଳିକାଳୁ, ସତ୍ୟ- ଧର୍ମ- ନ୍ୟାୟ-ନୀତି
ରାଜ ରାଜେଶ୍ୱର, କଳ୍କି ଅବତାର, ନେଇ ନାଶିବ ଦୁର୍ଗତି ॥୨୭

ଅବଳା ଦୁର୍ବଳା, ରଖ ଚକାଡୋଳା, କଳା ଘୋଡା ପରେ ଆସି
ଅବିଚାର ଯେତେ, ବିଚାର କର ହେ, ସତ୍ୟ ଧର୍ମକୁ ବିକାଶି ॥୨୮

ଲକ୍ଷ ଲକ୍ଷ ସୂର୍ଯ୍ୟ, ନୋହେ ତାଙ୍କ ତେଜ, ପ୍ରକଟିବେ ଧର୍ମରାଜ
ଅଲେଖ ଜଣାଏ, ଶୂନ୍ୟ ପ୍ରଭୁ ପାଦେ, ଶରଣ ରଖି ବିରାଜ ॥୨୯

ଶବ୍ଦ ନାହିଁ ଗୁରୁ, ଏ ଅଜ୍ଞାନୀ ପୁରୁ, ଲେଖିବାକୁ ନିବେଦନ
ଶଶାଙ୍କ ବଦନ, କରତା- କାରଣ, ଗରିବର ଡାକ ଶୁଣ ॥୩୦

ଷାଠିଏ ପଉଟି, ପଡିବ ଲେଉଟି, ଜୀବଗଲେ କ୍ଷୁଧା ପାଇ
ଷୋଳ କଳା ଧରି, କି ହେବ ହେ ହରି ? ନରହିବ ଯଦି ମହୀ ॥୩୧

ସୃଷ୍ଟି ଆରମ୍ଭରୁ, କେତେ ବିପତ୍ତିରୁ, ରଖି ନାହଁ ଆହେ ଗୁରୁ
ସ୍ରଷ୍ଟା ହୋଇ ଯେବେ, ନଶୁଣିବ ଏବେ, ବୋଲାଇବ ଥୁଣ୍ଟା ଦାରୁ ॥୩୨

ହୃଦୟ ମୋହର, ହେଉ ନାହିଁ ସ୍ଥିର, ଜଗତର ଦେଖି ଦୁଃଖ
ହରଣ କରନ୍ତୁ, ମୋର ପ୍ରାଣ କିନ୍ତୁ, ବ୍ରହ୍ମାଣ୍ଡ ସମ୍ଭାଳି ରଖ ॥୩୩

କ୍ଷରଣ ହେଲାଣି, ମୋର ମତି ବୁଦ୍ଧି, ଅଲେଖ ଜଣାଏ ପାଦେ
କ୍ଷମା ଦେଇ ପ୍ରଭୁ, ତୁମ୍ଭ ଦାସ କର, (ମୋର) ଚିତ୍ତ ରହୁ ନିରିବେଦେ ॥୩୪

ଅଙ୍ଗାରବନ୍ଧ, ଅନୁଗୁଳ

# ସଂଧ୍ୟା

ଲଳିତ କବି ଧ୍ରୁବ ଚରଣ ସ୍ୱାଇଁ

ପ୍ରତିଚୀ ଗଗନେ ବାରୁଣୀ-ଭବନେ
ଆଭାସିଲେ ଅଂଶୁମାଳୀ ।
ସପ୍ତ ଅଶ୍ୱଯୁକ୍ତ ତପ୍ତ ସାତକୁମ୍ଭ
ଏକଚନ୍ଦ୍ର ରଥଚାଳି ॥

ସୁବର୍ଣ୍ଣ ଶିଖର ଘେନି ହସିଲେଣି
ଅଭ୍ରଭେଦି ଅଦ୍ରିମାଳା ।
ସୁବର୍ଣ୍ଣ ବରନେ ଝଟକିଲା ତନୁ
ରୂପସୀ ମହି-ମହିଳା ॥

ଶୋଣିତ ଚନ୍ଦନ- ଚର୍ଚ୍ଚିତ ପରାୟେ
ବିଖଣ୍ଡିତ ଅଭ୍ରରାଶି ।
ସୁଦୂର ଦିଗବଧୂ ଲଲାଟେ ଶୋଭିଲେ
ସମୀରଣେ ଭାସିଭାସି ॥

ଗୈରିକ ଅମ୍ବର ପିନ୍ଧିକି ଯତନେ
ତାପସୀ ବାରୁଣୀ ବାଳା ।
ଅସ୍ତ ଗିରିବନେ ଅସ୍ତାର୍କ-ଅନଳେ
ମହାଯଜ୍ଞ ଆରମ୍ଭିଲା ॥

ରାଘବ କୁଳ- ନମସ୍ୟ ମହୀୟାନ
ତିମିର ଭୟ ସଞ୍ଚାରି ।
ଏ ନଃଭ-ସାଗରେ ଭ୍ରମୁ ଅଛନ୍ତି କି
ତିମି ପଥ ଅନୁସରି ॥

ଜହ୍ନିତଇଳା, ଢେଙ୍କାନାଳ

# ଗଦ୍ୟ ବିଭାଗ

# ଶୂନ୍ୟବାଦ ଓ ଗୁରୁବାଦ

ଲଳିତ କବି ଧ୍ରୁବ ଚରଣ ସ୍ୱାଇଁ

(ଭାଗ- ୩)

ଅବତାରବାଦ ସଗୁଣ; ସାକାର । ଗୁରୁବାଦ ଅବତାରବାଦର ଅନ୍ତର୍ଭୁକ୍ତ ଅଟେ । ଅଧ୍ୟାତ୍ମଜ୍ଞାନ ଉପଲବ୍ଧି ପାଇଁ ଗୁରୁଗ୍ରହଣ ଏକାନ୍ତ ଆବଶ୍ୟକ । ଏହାର ଜ୍ୱଳନ୍ତ ଉଦାହରଣ ଧର୍ମଶାସ୍ତ୍ରମାନଙ୍କରେ ରହିଛି ।

ଅପାର ସଂସାର ସମୁଦ୍ର ମଧ୍ୟେ
ସମଜ୍ଜିତୋ ମେ ଶରଣଂ କିମସ୍ତି ।
ଗୁରୋ କୃପାଳୋ କୃପୟା ବଦୈତଦ
ବିଶ୍ୱେଶପାଦାମ୍ବୁଜ ଦୀର୍ଘନୋକା ।

(ଶଙ୍କରାଚାର୍ଯ୍ୟ)

ଶିଷ୍ୟପଚାରିଲେ ହେ ଗୁରୁଦେବ ! ଏହି ସଂସାର ସାଗରରେ ବୁଡି ଯାଉଥିବା ବେଳେ ଉପାୟ କଣ ? ଗୁରୁଦେବ ଉତ୍ତରଦେଲେ- ସଂସାର ସାଗରରେ ବୁଡିଯାଉଥିବା ବେଳେ କୃପାଳୁ ଗୁରୁଙ୍କର କୃପାରେ ବିଶେଶ୍ୱରଙ୍କର ପାଦପଦ୍ମ ରୂପକ ନୌକା ସାହାଯ୍ୟରେ ଅନାୟାସରେ ସମୁଦ୍ର ପାରହୋଇ ପାରିବ ।

ସନ୍ଥକବି ଭୀମଭୋଇ କହନ୍ତି –

ସଦଗୁରୁ ପାଦେ ଚିତ୍ତ ଅପ୍ରମାଦେ-
ସେବାକରି ବଞ୍ଚୁଥିଲେ ଦିନ
ଅନ୍ତେ ଗତିମୁକ୍ତି କାରଣ ଲଭନ୍ତି-

ସପତପୁରୁଷ ଉଦ୍ଧାରଣ

ବିନାଭକ୍ତିରେ ହେ ପ୍ରାପତ ନୁହଁଇ ସଦଜ୍ଞାନ

ଭାଗବତ କହେ-

ଗୁରୁଙ୍କୁ ନ ମଣିବ ନର । ଗୁରୁ ହିଁ ସାକ୍ଷାତ ଈଶ୍ୱର ।

ମୁହିଁ ବସଇ ଗୁରୁ ଦେହେ । ମୋ ଠାରୁ ଗୁରୁ ଭିନ୍ନ ନୋହେ ।

ଗୁରୁ ଗ୍ରହଣ ପାଇଁ ସମସ୍ତ ଶାସ୍ତ୍ରରେ ନିର୍ଦ୍ଦେଶ ଦିଆ ଯାଇଛି । ଏତଦ୍ ବ୍ୟତିତ ଗୁରୁଙ୍କୁ ଚିହ୍ନି ଗ୍ରହଣ କରିବା ପାଇଁ ମଧ୍ୟ ଚେତାବନୀ ଦିଆଯାଇଛି ।

ଭାଗବତ କହେ –

ଯେ ଗୁରୁଜାଣେ ବେଦତତ୍ତ୍ୱ । ନିର୍ଗୁଣ ଆତ୍ମଜ୍ଞାନେ ରତ ।

ସମଦରଶୀ ପ୍ରେମାପ୍ଲୁତ । ତପସ୍ୱୀରିପୁ ବିବର୍ଜିତ ।

ଯେଉଁ ଗୁରୁ ପ୍ରକୃତରେ ବେଦରତତ୍ତ୍ୱ ଉପଲବ୍ଧି କରିଛନ୍ତି । ନିର୍ଗୁଣ ନିରାକାର ବ୍ରହ୍ମ ଭାବରେ ସର୍ବଦା ଧ୍ୟାନମଗ୍ନ ଥାଆନ୍ତି । ସମସ୍ତ ଜୀବଙ୍କୁ ବ୍ରହ୍ମଜ୍ଞାନ କରି ସମାନ ଦେଖନ୍ତି । ଇନ୍ଦ୍ରିୟ ସଂଯମ କରିଥାନ୍ତି । କାହାସହ ଶତ୍ରୁତାଚରଣ କରନ୍ତି ନାହିଁ । ଶିଷ୍ୟର ହିତାକାଂକ୍ଷୀ ଏମନ୍ତ ଗୁରୁଙ୍କୁ ଚିହ୍ନି ଗ୍ରହଣ କରିବ । ମନୁ କହନ୍ତି ଉପଯୁକ୍ତ ଗୁରୁ ଚିହ୍ନି ଗ୍ରହଣ ନକଲେ ପଥର ନୌକାଧରି ନଦୀପାର ହେଲା ଭଳି ଉଭୟ ଗୁରୁଶିଷ୍ୟ ଭବସାଗରରେ ବୁଡି ମରନ୍ତି । ଏହା ଅନ୍ଧକୁ ଅନ୍ଧ ବାଟ କଢାଇବା ନ୍ୟାୟ ପରି ହୁଏ । ସାକାର ଗୁରୁବାଦରେ ରହି ନିରାକାର ବ୍ରହ୍ମବାଦକୁ ଉତ୍ତୀର୍ଣ୍ଣ ହେବା ଉଚିତ୍ ଅଟେ । କାରଣ ନିର୍ଗୁଣ ନିରାକାର ବାଦ ଉପଲବ୍ଧି ନହେଲେ ମୁକ୍ତି ଅସମ୍ଭବ ହୋଇଥାଏ ।

ଭାଗବତ କହେ –

ସେ ବ୍ରହ୍ମେ ଚିତ୍ତ ସ୍ଥିର ଯେବେ । ମୋ ରୂପ ନ କଳ୍ପିବୁ ତେବେ ॥

ଭଗବାନ ଶ୍ରୀକୃଷ୍ଣ କହିଲେ ହେ ଉଦ୍ଧବ !

ନିରାକାର ପରଂବ୍ରହ୍ମରେ ତୋ ଚିତ୍ତ ସ୍ଥିର ହୋଇଗଲେ ମୋର ଏହି ବନମାଳ ବିଭୂଷିତ ସାକାର ରୂପକୁ ଆଉ ଧ୍ୟାନ କରିବା ଆବଶ୍ୟକ ହେବ ନାହିଁ । ଏହାର ତାତ୍ପର୍ଯ୍ୟ ଏହି ଯେ ସାକାର ଧ୍ୟାନରେ ମୁକ୍ତି ଅସମ୍ଭବ; ନିରାକାର ବ୍ରହ୍ମ ଧ୍ୟାନରେ ମୁକ୍ତି ସମ୍ଭବ ହୋଇଥାଏ ।

ଭଗବାନ ଶ୍ରୀକୃଷ୍ଣ କହିବା ମତେ ଗୁରୁ କେବଳ ମାଧ୍ୟମ ମାତ୍ର । ତାଙ୍କୁ ଈଶ୍ୱର ସଦୃଶ ଜ୍ଞାନକରି ତାଙ୍କ କୃପାରୁ ପରଂବ୍ରହ୍ମଙ୍କୁ ପ୍ରାପ୍ତି ହେବା ସମସ୍ତ ଧାର୍ମିକ ମାନଙ୍କର କାମ୍ୟ । କେବେଳ ଗୁରୁବାଦରେ ପର୍ଯ୍ୟବସିତ ରହି ଗୁରୁଙ୍କ ଫଟୋ ବା ମୂର୍ତ୍ତିପୂଜା କରି କିଛି ଲାଭ ହୁଏନାହିଁ । ମୋ ଗୁରୁ ବଡ, ମୋ ଠାକୁର ବଡ ଏହା କହିବା ଧୃଷ୍ଟତା ମାତ୍ର । ଏହି ଚିନ୍ତା କରିବା ଦ୍ୱାରା କେବଳ ଅହଂକାର ଓ ବିଦ୍ୱେଷ ଭାବ ମନରେ ଜାତ ହୁଏ । ମାନବ ନିମ୍ନ ସ୍ତରକୁ ଚାଲିଯାଏ ।

- ସମାପ୍ତ -

ଜହ୍ନିତଇଳା, ଢେଙ୍କାନାଳ

# ଅଧା ପାଗଳର କମାଲ୍ କଥା

ପ୍ରଶାନ୍ତ କୁମାର ବେହେରା

ଏଇ ଦିନ ୧୧ଟା ପାଖାପାଖି ହେବ । ଅଧା ପାଗଳଟା ହଠାତ୍ ଆମ ଘର ଭିତରକୁ ପଶିଆସି ନମସ୍କାରଟେ ଫୋପାଡ଼ି ଦେଇ ଫାଙ୍କାଥିବା ଗୋଟେ ଚେୟାରରେ ବସିପଡିଲା ।

ମୁଁ ପଚାରିଲି, " କଣ ଆଉ ସବୁ ଭଲ ତ ? " ଉତ୍ତରରେ ସେ କହିଲା, " ହଁ ସାର୍ ସବୁ ଭଲ । ଏମିତି ଟିକେ ଆପଣଙ୍କୁ ଦେଖା କରିବାକୁ ଆସିଲି ।"

ପାଖରେ ଆଉ ଗୋଟେ ଚେୟାରରେ ମୋ ବୋଉ ବସିଥାଏ । ଶୀତଦିନ ହେତୁ ତାକୁ ଚାହା ଦେବା ଠିକ୍ ହେବ ବୋଲି ଚିନ୍ତା କରି ମୋ ସ୍ତ୍ରୀକୁ ଦୁଇ କପ୍ ଚାହା କରିବାକୁ କହିଲି । ଏମିତିରେ ସ୍ତ୍ରୀ ନିୟମ କରିଥାଏ ସକାଳ ବେଳା କପେ ଓ ସଂଧ୍ୟାରେ କପେ - ଏଇ ମାତ୍ର ଦୁଇ କପ୍ ଚାହା ଦିନକୁ ମୋତେ ମିଳେ । କିନ୍ତୁ ଯଦି କିଏ ଅତିଥି ଆସିଗଲେ ତାହେଲେ ଡାଲୁଅ ପାଇଁ ଯେମିତି କନସିରି ପାଣି ପାଇଯାଏ ସେମିତି ମୋତେ ମଧ୍ୟ ମୋ କୋଟା ବାହାରୁ ଚାହା ମିଳିଥାଏ ।

କିଛି ଲୋକ ସେ ଲୋକଟିକୁ ଅଧା ପାଗଳ କାଇଁ କୁହନ୍ତି ମୁଁ ଏ ଯାଏ ମଧ୍ୟ କିଛି ସେମିତି ବଳିଷ୍ଠ କାରଣ ଖୋଜି ପାଇନି । ଏଇ କଥା ମନକୁ ଆସିବା ମାତ୍ରେ ଅଧା ପାଗଳ ଆଉ ଫୁଲ୍ ପାଗଳ ବିଷୟରେ ଗୋଟେ ଗପ ମନେପଡେ । ଗପ କହିବା ଅପେକ୍ଷା ଗୁଲି ବୋଲି କହିବା ଠିକ୍ ହେବ । କିନ୍ତୁ ସେଇ ଗୁଲିରେ ମୁଁ ହସି ହସି ବେଦମ୍ ହୋଇଥିଲି ।

ସେ ଗୁଲି ଗପଟି ଥିଲା ଏମିତି :-

ଗୋଟେ ପ୍ରାଇମେରୀ ସ୍କୁଲ ନିରୀକ୍ଷଣ କରିବା ପାଇଁ ସ୍କୁଲ ଇନ୍ସପେକ୍ଟର ପରଦିନ ଆସିବା ପାଇଁ ସ୍ଥିର ହୋଇଥାଏ । ସ୍କୁଲର ସବୁ ସାର୍ ଓ ମାଡାମ୍ ମାନେ ପୁରା ବିଚଳିତ ହେଉଥାନ୍ତି । କାହା ଚାକିରି ଯିବ କି କଣ ହେବ ଏମିତି ଭୟ ସମସ୍ତଙ୍କୁ ଘାରୁଥାଏ । ସ୍କୁଲର ହେଡ୍ ସାର୍ ସବୁ ଶ୍ରେଣୀର ଭଲ ପିଲାମାନଙ୍କୁ ଡାକି ବୁଝାଉଥାନ୍ତି । ଯାହା ପ୍ରଶ୍ନ ଇନ୍ସପେକ୍ଟର କରିବେ ସେମାନେ ହାତ ଟେକି ସଠିକ୍ ଉତ୍ତର ଯେମିତି ଦେବେ । ମେଧାବୀ ପିଲା ମାନେ ହେଡ୍ ସାରଙ୍କ କଥାରେ ମୁଣ୍ଡ ହଲାଇ ହଁ ମାରୁଥାନ୍ତି ।

ପରଦିନ ଠିକ୍ ସକାଳ ୧୧ଟାରେ ଇନ୍ସପେକ୍ଟର ସ୍କୁଲରେ ପହଞ୍ଚିଗଲେ । ସ୍କୁଲର ଶିକ୍ଷକ ଓ ଶିକ୍ଷୟତ୍ରୀମାନଙ୍କ ଲେସନ୍ ପ୍ଲାନ୍ ସବୁ ଦେଖିସାରି ପଞ୍ଚମ ଶ୍ରେଣୀକୁ ଇନସ୍ପେକସନରେ ଯିବାକୁ ସ୍ଥିରକଲେ । ତାଙ୍କ ସହ ସ୍କୁଲର ହେଡ୍ ସାର୍ ଓ ସମସ୍ତ ଶିକ୍ଷକ, ଶିକ୍ଷୟତ୍ରୀ ମାନେ ମଧ ସେ କ୍ଲାସରୁମ୍ ଅଭିମୁଖେ ଚାଲିଲେ । ସେଠି ପହଞ୍ଚି ଇନ୍ସପେକ୍ଟର ମହାଶୟ ସମସ୍ତ ପିଲାମାନଙ୍କ ଉପରେ ଆଗ ଭଲକରି ଆଖିବୁଲାଇ ଆଣିଲେ । ସମସ୍ତ ଶିକ୍ଷକ ଓ ଶିକ୍ଷୟତ୍ରୀ ମାନେ ପୁରା ଶଙ୍କାଗ୍ରସ୍ତ ଅବସ୍ଥାରେ ଥାଆନ୍ତି । ପିଲା ମାନେ ମଧ ତାଙ୍କ ସାର୍ ଓ ମାଡାମ୍ ମାନଙ୍କ ଅବସ୍ଥା ଦେଖି ପୁରା ଡରିମରି ଥାଆନ୍ତି । ସ୍କୁଲ ପରିବେଶ ସାରା କେମିତି ଏକ ଭୟର ବାତାବରଣ ସୃଷ୍ଟି ହୋଇଥାଏ । ସମସ୍ତେ ପୁରା ଚୁପ୍ ଚାପ୍ ହୋଇ ଥାଆନ୍ତି । ଏତେ ନୀରବତା ବିରାଜମାନ କରୁଥାଏ ଯାହାକୁ କଥାରେ କୁହନ୍ତି ଛୁଞ୍ଚି ପଡିଲେ ବି ଶବ୍ଦ ହେବ ।

ଏମିତି ଏକ ସମୟରେ ଇନ୍ସପେକ୍ଟର ହଠାତ୍ ପ୍ରଶ୍ନ ପଚାରିଲେ , " ଆଚ୍ଛା ପିଲାଏ କହିଲ ଦେଖି ? ଯଦି ବଜାରରେ ଆଳୁ କିଲୋ ୧୦ ଟଙ୍କା ତାହେଲେ ମୋ ବୟସ କେତେ ? " ଏମିତି ପ୍ରଶ୍ନ ଶୁଣି ହେଡ୍ ସାରଙ୍କ ମୁଣ୍ଡ ପୁରା ଗୋଳମାଳ ଧରିଗଲା । ଅନ୍ୟ ଶିକ୍ଷକ ଓ ଶିକ୍ଷୟତ୍ରୀମାନେ ଆବାକାବା ହୋଇ ପରସ୍ପର ମୁହଁକୁ ଚାହାଁଚହିଁ ହେଉଥାନ୍ତି ।

ଏମିତିକା ପ୍ରଶ୍ନର ଉତ୍ତର ତାଙ୍କୁ ତ ମାଲୁମ୍ ନାହିଁ ପିଲାମାନେ କଣ ବା ଉତ୍ତର ଦେବେ ? ସେ ଶ୍ରେଣୀର ମେଧାବୀ ଛାତ୍ରଛାତ୍ରୀମାନେ ବଡ ବିକଳ ହୋଇ ତାଙ୍କ ହେଡ୍ ସାରଙ୍କ ମୁହଁକୁ ଅନେଇଥାନ୍ତି । ହଠାତ୍ ଦେଖାଗଲା ପୁରା ଶ୍ରେଣୀର ପଛ ଲାଇନରେ ବସିଥିବା ଟୁନା ହାତ ଟେକିଦେଲା । ଟୁନା ହଉଛି ସ୍କୁଲର ସବୁଠୁ ବାଳୁଙ୍ଗା ଟୋକା । ପାଠ ପଢା କଥା ଛଡା ଶାଠରେ ମଧ ଶୁନ୍ । ଟୁନା ହାତ ଟେକିବା ମାତ୍ରେ ସ୍କୁଲର ସମସ୍ତ ଶିକ୍ଷକ ଓ ଶିକ୍ଷୟତ୍ରୀମାନେ ପୁରା ପ୍ରମାଦ ଗଣିବା ଆରମ୍ଭ କରିଦେଲେ । ଯେଉଁ ପ୍ରଶ୍ନର ଉତ୍ତର ସେମାନଙ୍କୁ ଜଣା ନାହିଁ ଏ ବାଳୁଙ୍ଗା ଟୁନା କଣ କହିବ କେଜାଣି ?

ଇନ୍ସପେକ୍ଟର ଟୁନା ହାତ ଟେକିବା ଦେଖି କହିଲେ," ଯାହା ହେଉ ଏତେ ପିଲାଙ୍କ ଭିତରେ ଗୋଟେ ଭଲ ପିଲା ଅଛି । କହିଲୁ ବାପା କଣ ଉତ୍ତର ? "

ଟୁନା ଗୋଟେ ବେପରୁଆ ଠାଣିରେ ଠିଆ ହେଲା । ହେଡ୍ ସାରଙ୍କର ସେତେବେଳକୁ ବିନା ଗରମ ପାଗରେ ଦେହରୁ ଗମ୍ ଗମ୍ ହୋଇ ଝାଳ ବାହାରୁଥାଏ ।

ଟୁନା ଠିଆ ହୋଇ ବଡ ପାଟିକରି କହିଲା, " କହିବି ତାହାଲେ ? "

ଇନ୍ସପେକ୍ଟର ବଡ ବ୍ୟଗ୍ର ହୋଇ କହିଲେ, " ହଁ କୁହ ତୁମେ । ଆଦୌ ଡରନି । "

ଟୁନା ହେଡ୍ ସାରଙ୍କ ଆଡକୁ ଇଙ୍ଗିତ କରି କହିଲା, " ନାଇଁ ଥାଉ କହିବିନି । ଆପଣ ଚାଲିଗଲା ପରେ ଏ ସାର୍ ମୋତେ ଧୁମ୍ ପିଟିବେ । "

ସେତେବେଳେ ସ୍କୁଲ ମାନଙ୍କରେ ଆଜିକାଲି ପରି ଦଣ୍ଡମୁକ୍ତ ଅଞ୍ଚଳ ନଥିଲା । ପିଲାମାନେ ପାଠ ନ ପଢିଲେ କିମ୍ବା ଦୁଷ୍ଟାମି କଲେ ଶିକ୍ଷକ ମାନେ ଦଣ୍ଡ ଦେଉଥିଲେ ।

ଟୁନା କଥାରେ ଇନ୍ସପେକ୍ଟର ତାକୁ ପୁରା ଆଶ୍ୱାସନା ଦେଇ କହିଲେ , " ମୁଁ ପରା କହୁଛି, ତୁମେ କୁହ, କେହି ତୁମକୁ ମାରିବେନି ।"

ଟୁନା ତଥାପି ଡରି ମରି ହେଡ୍ ସାରଙ୍କ ଆଡକୁ ଟିକେ ଶେଷଥର ପାଇଁ ଅନାଇଲା ତା ପରେ କହିଲା, " ବଜାରରେ ଯଦି ଆଳୁ କିଲୋ ୧୦ ଟଙ୍କା ତାହେଲେ ଆପଣଙ୍କୁ ଏବେ ନିଶ୍ଚେ ୪୦ ବର୍ଷ ।"

ସ୍କୁଲ ଇନ୍ସପେକ୍ଟର ଟୁନାର ଉତ୍ତରରେ ପୁରା ଖୁସି ହୋଇଗଲେ । ସେ ଟୁନାକୁ ସଙ୍ଗେ ସଙ୍ଗେ ପକେଟରୁ ୧୦ ଟଙ୍କା ବାହାର କରି ପୁରସ୍କାର ଦେବା ସହ ହେଡ୍ ସାରଙ୍କୁ ପ୍ରଶଂସାରେ ପୋତି ପକାଉଥାନ୍ତି ।

ସେ କହିଲେ, " ଯେତେ ସ୍କୁଲ ଯାଇଛି , ସବୁଠି ଏ ପ୍ରଶ୍ନ ପଚାରିଛି । କିନ୍ତୁ କେହି ଏ ଯାଏ ସଠିକ୍ ଉତ୍ତର ଦେଇ ପାରି ନଥିଲେ । ଆପଣମାନେ ଠିକ୍ ପାଠ ପଢାଇଥିବାରୁ ଆଜି ସଠିକ୍ ଉତ୍ତର ମୁଁ ପାଇଗଲି । ଉପରକୁ ବହୁତ ଭଲ ରିପୋର୍ଟ ଆପଣ ମାନଙ୍କ ବିଷୟରେ ଦେବି ।" ଇନ୍ସପେକ୍ଟରଙ୍କ ସବୁତକ ପ୍ରଶଂସା ଶିକ୍ଷକ ଓ ଶିକ୍ଷୟତ୍ରୀ ମାନଙ୍କ ଦେହରେ ଛୁଞ୍ଚି ଫୁଟିଲା ପରି ଲାଗୁଥାଏ । ବହୁତ ଖୁସି ହୋଇ ଇନ୍ସପେକ୍ଟର ସେଦିନ ସ୍କୁଲରୁ ବିଦାୟ ନେଲେ ।

ଇନ୍ସପେକ୍ଟର ସ୍କୁଲରୁ ଯିବା ପରେ ସମସ୍ତେ ଏକାଠି ହୋଇ ପୁଣି ସେଇ ପଞ୍ଚମ ଶ୍ରେଣୀକୁ ଗଲେ । ଟୁନା ଭିତରେ ଭୟ କରୁଥାଏ ।

ସେ ସମସ୍ତଙ୍କୁ ପୁଣି ଏକାଠି ହୋଇ ଆସିବାର ଦେଖି ଜାଣିଗଲା ମାଡ ବସିବାର ବେଳ ଏବେ ଅତି ନିକଟରେ । ହେଡ ସାର୍ ତାକୁ କହିଲେ ଠିଆ ହେବାକୁ । ସେ ଚୁପ୍ କରି ସୁନା ପିଲାଟେ ପରି ଠିଆ ହୋଇଗଲା ।

ହେଡ୍ ସାର୍ ତାକୁ ବୁଝାଇ କହିଲେ," ନାଇଁ ମାରିବି ନାହିଁ, କିନ୍ତୁ ସେ ପ୍ରଶ୍ନର ଉତ୍ତର କେମିତି ଦେଲୁ ସତ କହିଲୁ ବାପା ? "

ଚୁନା ଡରି ଡରି କହିଲା, " ସାର୍ ଆମ ଗାଁରେ ଗୋଟେ ଅଧା ପାଗଳ ଅଛି । ତାକୁ ୨୦ ବର୍ଷ । ଏ ଯେଉଁ ସାର୍ ଆସିଥିଲେ ସେ ହେଉଛନ୍ତି ଫୁଲ୍ ପାଗଳ, ତେଣୁ ତାଙ୍କୁ ନିଶ୍ଚେ ୪୦ ବର୍ଷ ହୋଇଥିବ ବୋଲି ଜାଣିଦେଲି ।

ଏବେ ମୋ ସାମ୍ନାରେ ବସିଥିବା ଅଧା ପାଗଳର କମାଲ୍ କଥାକୁ ଯିବା । ଅବଶ୍ୟ ପ୍ରଥମରୁ ମୁଁ କହିଛି ତାକୁ ଅଧା ପାଗଳ କାହିଁକି କିଛି ଲୋକ କୁହନ୍ତି ତାର ଯୁକ୍ତିଯୁକ୍ତ କାରଣ ମୁଁ ଏଯାଏ ପାଇନି । ବେଳେ ବେଳେ ଦେଖେ ସେ ଗୋଟେ ଖାତା କଲମ ଧରି ଛକି ଶୂନ ଖେଳୁଥାଏ ବା କିଛି ଗାର କାଟିବାରେ ବ୍ୟସ୍ତଥାଏ । ଆଉ କେତେବେଳେ ଗୁଣୁଗୁଣ୍ ହୋଇ କିଛି ମନକୁ ମନ ବୋଲୁଥାଏ । କିନ୍ତୁ ଯଦି କାହାକୁ ଦେଖିଦେଲା ତାହେଲେ ସେସବୁ କାର୍ଯ୍ୟରୁ ସଙ୍ଗେ ସଙ୍ଗେ ବିରତ ହୋଇଯାଏ । ଅର୍ଥାତ୍ ଏକୁଟିଆ ଥିବାବେଳେ ସେ ଏମିତି ସବୁ କରେ । କିନ୍ତୁ ଏସବୁ ପାଇଁ ତାକୁ ଅଧା ପାଗଳର ଆଖ୍ୟା କାହିଁକି ଦିଆଯିବ ? ଏମିତିରେ ତ ବହୁତ ଲୋକ ବିନା କାରଣରେ ବହୁତ କାମ କରିଥାନ୍ତି ।

ମୁଁ ଶୁଣିଛି କୁଆଡେ କ୍ରିକେଟର ଭଗବାନ କୁହାଯାଉଥିବା ସଚିନ ତେନ୍ଦୁଲକର ଯେତେବେଳେ ଖେଳୁଥିଲେ ସେତେବେଳେ ନିଶ୍ଚୟ ନିତି ଦିନ କିଛି ସମୟ ବାହାର କରି ପାର୍କ ବା ଅନ୍ୟ କୌଣସି ନିରୋଳା ଜାଗାରେ ଚୁପ୍ ଚାପ୍ ବସି ଅଳ୍ପ ଦୂରତାରେ ଥିବା ଗୋଟେ ଗଛର ବା

ଅନ୍ୟକିଛି ବସ୍ତୁର ନିର୍ଦ୍ଦିଷ୍ଟ ବିନ୍ଦୁପରି ଥିବା ଚିହ୍ନକୁ ଏକଲୟରେ ପଲକ ନପକାଇ ବହୁତ ସମୟ ଚାହିଁ ରୁହନ୍ତି । ଯେହେତୁ ସେ ଏତେବଡ ଖେଳାଳି ତେଣୁ ତାଙ୍କୁ ଏ ଅବସ୍ଥାରେ ଯିଏ ବି ଦେଖନ୍ତି ଫୁଲ୍ ପାଗଳ କିମ୍ବା ଅଧା ପାଗଳ ବୋଲି ଭାବି ପାରନ୍ତିନି । ବରଂ ନିଜ ନିଜ ଭିତରେ କୁଆଡେ କୁହାକୁହି ହୁଅନ୍ତି - "ହେଇ ଦେଖ, ସେଠି ସଚିନ ବସି କେମିତି ନିଜର ଏକାଗ୍ରତା ବଢାଉଛନ୍ତି ।" ତା' ମାନେ ସଚିନ ଏକ ଲୟରେ ଅନାଇଁ ଥିବା ବିନ୍ଦୁ ବାଟ ଦେଇ ଯେମିତି କ୍ରିକେଟ ବଲ୍ ସବୁ ବାରମ୍ବାର ଆସୁଥାନ୍ତି ଆଉ ଏମିତି ଅନେଇବା ଭିତରେ କ୍ରିକେଟ ବଲ୍ ତାଙ୍କୁ ଫୁଟବଲ୍ ପରି ଦେଖାଯାଏ ଆଉ ତାର ପ୍ରଭାବରେ ଖେଳପଡିଆ ପିଚରେ ସେଥିପାଇଁ ବଲକୁ ସମ୍ମୁଖିନ ହେବା ତାଙ୍କ ପକ୍ଷରେ ଖୁବ୍ ସହଜ ହୋଇଯାଏ ବୋଧେ । ଯଦି ସଚିନ ଏଥି ପାଇଁ ଅଧା ପାଗଳ ନହେବେ ତାହେଲେ ଏ ଲୋକଟି କାଇଁ ହେବ ?

ଥରେ ସେ ବସିଥିବା ରୁମ୍ ଭିତରକୁ ହଠାତ୍ ପଶିଯାଇ ଦେଖିଲି କଣ ଗୁଣୁଗୁଣ୍ ହୋଇ ବୋଲୁଛି । ମୋତେ ଦେଖି ସେ ପୁରା ଚୁପ୍ ହୋଇଗଲା । ମୁଁ ତାକୁ ପଚାରିଲି, "ଆଛା ଏବେ ଗୁଣୁଗୁଣ୍ ହୋଇ କଣ ସବୁ କହି ଯାଉଥିଲ ? "

ଉତ୍ତରରେ ସେ କହିଲା, " ନାଇଁ ସାର୍ କିଛି ନାଇଁ ।"

ମୁଁ କିନ୍ତୁ ମୋ ଜିଜ୍ଞାସାକୁ ଖତମ୍ କରିବା ଚକ୍କରରେ ତାକୁ ପୁଣି ପଚାରିଲି, " କଣ ନାଇଁ ? ମୁଁ ପରା ଏ ରୁମରେ ପଶିବା ବେଳେ ଆପଣ କଣ ଗୁଣୁଗୁଣ୍ ହୋଇ ଗାଉଥିଲେ ।"

ସେ ଟିକେ ହସିଦେଇ କହିଲା, " ସାର୍ ମୁଁ ଟିକେ ହନୁମାନ ଚାଳିଶା ବୋଲୁଥିଲି ।" ତା' କଥାରେ ମୁଁ ଆଶ୍ଚର୍ଯ୍ୟ ହୋଇଗଲି । ମନେ ମନେ ଭାବିଲି ଏ ଲୋକ ତାହେଲେ ଅହରହ ଗୁଣୁଗୁଣ୍ ହୋଇ ମନ୍ତ୍ର ସବୁ ଉଚ୍ଚାରଣ କରେ । ତଥାପି ମନରେ ପ୍ରଶ୍ନ ଆସିଲା - ଏମିତି କାହିଁକି ସେ କରେ ?"

ତାକୁ ପୁଣି ପଚାରିଲି, " ଆଚ୍ଛା ଠାକୁରଙ୍କୁ ପୂଜାର୍ଚ୍ଚନା କଲାବେଳେ ତ ମନ୍ତ୍ର ଉଚ୍ଚାରଣ କରୁଥିବେ । ଏଠି ସେଠି ବସି ଏମିତି ଗୁଣୁଗୁଣ୍ ହୋଇ ମନ୍ତ୍ର ବୋଲିବାର କାରଣ କଣ ?" ସେ ପୁଣି ହସିଦେଇ କହିଲା, " ଆଜିକାଲି ସମୟ ଖୁବ୍ ଖରାପ । ବିଭିନ୍ନ ଲୋକ ବିଭିନ୍ନ ପ୍ରକାରର ମତଲବ୍ ମନରେ ରଖି ବୁଲୁଛନ୍ତି । ହନୁମାନ ଚାଳିଶା କିମ୍ବା ଗାୟତ୍ରୀ ମନ୍ତ୍ରରୁ କିଛି ପଦ ବୋଲି ଦେଲେ ଏଇ ଏରିଆରେ ତାର ଗୋଟେ ଫୋକସ୍ ପଡେ । ଗୋଟେ ଖୁବ୍ ଶକ୍ତିଶାଳୀ ଚକ୍ର ମୋ ଚାରିପଟେ ବୁଲେ ଫଳରେ ଏଠି ବୁଲୁଥିବା ଭୟଙ୍କର ଲୋକମାନେ ମୋର କୌଣସି କ୍ଷତି କରିପାରିବେନି ବରଂ ଏଇ ମନ୍ତ୍ରର ପ୍ରଭାବରେ ସେମାନଙ୍କର କୁସ୍ୱଭାବରେ ପରିବର୍ତ୍ତନ ଆସିପାରିବ । ଦୁନିଆର ସବୁଆଡେ ଯେହେତୁ ସେଇ ଖଳ ପ୍ରକୃତିର ଲୋକ ଖୁନ୍ଦି ହୋଇ ରହିଛନ୍ତି ତେଣୁ ମୁଁ ଯେଉଁଠିକୁ ବି ଯାଏ ସେଠି ସୁବିଧା ପାଇବା ମାତ୍ରେ ମନ୍ତ୍ର ବୋଲେ ।" ମୁଁ ତା କଥାରେ ସେଦିନ ବହୁତ ଭାବିଲି । ସେ ତା ମନ ଭିତରେ ଗୋଟେ ପଜେଟିଭ୍ ଭାବନା ଧରି ଯୁଆଡେ ଯାଉଛି ସେଠି ମନ୍ତ୍ର ବୋଲୁଛି । ଖଳଲୋକଙ୍କୁ ସେ ମନ୍ତ୍ରର ଫୋକସ୍ ପକାଇ ଭଲ ବାଟକୁ ଆଣିବାକୁ ଚେଷ୍ଟା କରୁଛି ।

ଖଳ ଲୋକ ତା' ମନ୍ତ୍ର ପ୍ରଭାବରେ ଭଲ ମଣିଷ ହେଉଥିବେ କି ନା ସେକଥା ମୋ ମନ ଭିତରର ପ୍ରଶ୍ନ ହୋଇଥିଲେ ବି ଯଦି ସେ ସେମିତି ଭାବୁଛି ତାହେଲେ ସେଥିରେ କିଛି ଅସୁବିଧା ନାହିଁ । ଏମିତିରେ ଯଦି ସଚିନ ଏକାଗ୍ରତାର ସହିତ ଆଖିରେ ପଲକ ନପକାଇ ଗୋଟେ ବିନ୍ଦୁକୁ ବହୁତ ସମୟ ଧରି ଚାହିଁ ରହି ତାର ପ୍ରଭାବରେ ଖେଳ ପଡିଆରେ କ୍ରିକେଟ ବଲ୍ ତାଙ୍କୁ ଫୁଟବଲ୍ ପରି ଦେଖା ଯାଉଛି ତାହେଲେ ଏ ଲୋକ ବି ଗୋଟେ ମହତ୍ ଉଦ୍ଦେଶ୍ୟ ରଖି ଯଦି ଏଠି ସେଠି ହନୁମାନ ଚାଳିଶା ବା ଗାୟତ୍ରୀ ମନ୍ତ୍ର ଉଚ୍ଚାରଣ କଲା ତାହେଲେ ତାକୁ ଅଧା ପାଗଳ କାହିଁକି କୁହାଯିବ ? ସେ ଆମ ଘରେ ମୋ ସମ୍ମୁଖରେ ବସିଛି । ମୁଁ ଠିକ୍ ଜାଣିଛି ଯଦି ତାକୁ ଏକୁଟିଆ କିଛି ସମୟ ଛାଡି ଦିଆଯିବ ତାହେଲେ ସେ ମୋ ଘରେ ମଧ ସେଇ ମନ୍ତ୍ର ସବୁକୁ ଗୁଣୁଗୁଣ୍ କରି ବୋଲିବା ଆରମ୍ଭ କରିଦେବ ।

ଅର୍ଥାତ୍ ଆମ ଘରେ ଆମ ପରିବାର ସଦସ୍ୟ ମନଙ୍କ ଭିତରେ ଯାହା କିଛି ଖଳ ଭାବନା ଥିବ ତାକୁ ସେ ନିଜର ମନ୍ତ୍ରର ଫୋକସ୍ ରେ ଭଲ ଗୁଣରେ ରୂପାନ୍ତରିତ କରିଦେଇ ପାରିବ । ଅବଶ୍ୟ ମୁଁ କିଛି ସମୟ ପାଇଁ ଉଠିଯାଇ ପାରେ କିନ୍ତୁ ମୋ ବୋଉ ସେଇ ପାଖରେ ଗୋଟେ ଚେୟାରରେ ବସିଥାଏ । ତେଣୁ ତାକୁ ଏକୁଟିଆ ସେଠି ବସିବାକୁ ଛାଡି ହେବନି ଚିନ୍ତାକଲି ।

ସନ୍ଧ୍ୟା ଦୁଇ କପ୍ ଚା' ଆଣି ସାମ୍ନାରେ ଥିବା ଟି ପଏ ଉପରେ ରଖିଲା । ଆମେ ଦୁହେଁ ଚା' ପିଇବାରେ ଲାଗିଲୁ । ଏମିତି ଭିତରେ ହଠାତ୍ ମୋ ବୋଉ ତାକୁ ପଚାରିଲା , "ପୁଅ ତମର ପିଲାପିଲି କଣ ? "

" ଝିଅ ଆଉ ପୁଅଟିଏ " ଅଧା ପାଗଳ ଉତ୍ତର ଦେଲା ।"

ମୋ ବୋଉ ପଚାରିଲା,"କେତେ ବଡ ବଡ ହେଲେଣି ସେମାନେ ।"

ସେ କହଲା, " ଝିଅଟି ବଡ, ୧୦ ବର୍ଷର ଚତୁର୍ଥ ଶ୍ରେଣୀରେ ଓ ପୁଅକୁ ଏଇ ୪ ବର୍ଷ ହେବ ।"

"ଆଉ ସବୁ ଘରେ କିଏ ଅଛନ୍ତି ? ତମ ସ୍ତ୍ରୀ ଚାକିରି କରିଛନ୍ତି ନା ଘରେ ? " ବୋଉ ପୁଣି ପଚାରିଲା ।

ସେ କହିଲା, " ସ୍ତ୍ରୀ ଘରେ ରୁହନ୍ତି ଆଉ ମୋ ବୋଉ ବି ଅଛନ୍ତି । ବାପା ୧୦ ବର୍ଷ ତଳୁ ଏ ଦୁନିଆଁରୁ ଚାଲିଯାଇଛନ୍ତି । ମୋ ବଡ ଭାଇ ଆଉ ଗୋଟେ ଜାଗାରେ ଘରଦ୍ୱାର କରି ତାଙ୍କ ପିଲାପିଲି ଧରି ରହୁଛନ୍ତି ।"

ମୁଁ ଚୁପ୍ ଚାପ୍ ବସି ସେମାନଙ୍କ କଥା ଶୁଣୁଥାଏ । ମୋ ବୋଉର ପ୍ରକୃତି ହେଉଛି ସବୁକଥା ଭଲକରି ବୁଝିବ । ମୁଁ ବୋଉର ପ୍ରଶ୍ନ କରିବାର ଷ୍ଟାଇଲରୁ ଜାଣିଗଲି ଆଜି ସହଜରେ ଏ ଲୋକ ଏଠୁ ଛାଡ ପାଇବାର ନାହିଁ ।

ବୋଉ ପୁଣି ପ୍ରଶ୍ନ କଲା, " ମାଆ କଣ ବଡ ଭାଇଙ୍କ ପାଖରେ ରୁହନ୍ତିନି ? "

ଉତ୍ତରରେ ସେ କହିଲା, " ନାଇଁ ମୋ ପାଖରେ ସବୁବେଳେ ରୁହନ୍ତି । ଭାଇ ବାହାରେ ଚାକିରି କରିଛନ୍ତି ।"

ବୋଉ - " ମାଆଙ୍କୁ କେତେ ବର୍ଷ ହେଲାଣି ? "

ତାଙ୍କୁ ୭୭ ବର୍ଷ ହେଲାଣି । ବାପା ସରକାରୀ ଚାକିରି କରିଥିଲେ । ତେଣୁ ବୋଉ ପେନସନ୍ ବି ପାଆନ୍ତି ।"

ବୋଉ - " ମୋତେ ବି ସେଇ ୭୭ ହେଲାଣି । ବୟସ ବଢିବା ସହ ଆଣ୍ଠୁଗଣ୍ଠି ଦରଜ ହେଉଛି । ତମ ବୋଉଙ୍କ ଦେହ ଭଲ ରହୁଛି ତ ? "

ସେ କହିଲା, " ନାଇଁ ସେମିତି ଭଲ ନାହିଁ । ବୋଉ ଏଇ ନିକଟରେ ପଡିଯିବାରୁ ହାତ ଭାଙ୍ଗି ଯାଇଛି । ସେଇ ଆଣ୍ଠୁଗଣ୍ଠି ଆଗରୁ ଦରଜ ରହୁଥିଲା । ଏବେ ବେଶି କଷ୍ଟ ପାଉଛି । ଭାଙ୍ଗିଥିବା ହାତଟା ପୁରା ପ୍ଲାଷ୍ଟର୍ ହୋଇଛି ।"

ବୋଉ ପୁଣି କହିଲା, " ହଁ ବୟସ ହେଲେ ଗୋଡ ହାତ ଭାଙ୍ଗିଲେ ବହୁତ କଷ୍ଟ । ମୋ ଗୋଡ ପରା ସେମିତି ଏଇ କେଇ ବର୍ଷ ତଳେ ଭାଙ୍ଗି ଯାଇଥିଲା । ପୁରା ଠିକ୍ ହେବାକୁ ତିନି ବର୍ଷରୁ ଅଧିକ ସମୟ ଲାଗିଲା । "

ଏଥର ସେ ବୋଉକୁ ଉତ୍ତରରେ ବହୁତ କଥା କହିଗଲା । ସେଥିରେ କିଛି କ୍ଲାରିଫିକେସନ୍ ସହ କମାଲ୍ କଥା ସବୁ ଥିଲା । ଅବଶ୍ୟ ମୋ ବୋଉ ତାକୁ କିଛି କ୍ଲାରିଫିକସନ୍ ମାଗି ନଥିଲା । ତଥାପି ସେ ତା ନିଜ ଆଡୁ ସେମିତି ସବୁ କହିଗଲା । ସେ ଯାହା ସବୁ କହିଲା ତାକୁ ନିମ୍ନରେ ରଖୁଛି -

"ଆଜିକାଲି ପରା ଓଲଟା ଯୁଗ ? ଶ୍ୱଶୁର ଶାଶୁଙ୍କ ୧୦୦ଟା କଥା ରହିବ କିନ୍ତୁ ବାପ ମାଆଙ୍କର ଗୋଟେ କଥା ବି ରହୁନି । ତା' ମାନେ ମୁଁ କହୁନି ଶାଶୁ ଶ୍ୱଶୁରଙ୍କୁ ଅସମ୍ମାନ କରିବାକୁ । ମୁଁ ମୋ ବୋଉର ସବୁ କାମ କରେ । ସ୍ତ୍ରୀକୁ କିଛି କରିବାକୁ ଦିଏନି । ସେ ହେଲା ପରଝିଅ । ମୁଁ ଯେମିତି ମୋ ବୋଉର ମନକଥା ବୁଝିପାରିବି, ସେ କଣ ସେମିତି ବୁଝି ପାରିବ ? ମୋ ବୋଉର ଯେଉଁଦିନ ପେନସନ୍ ମିଳେ ସେଦିନ ଆଗ ସ୍ତ୍ରୀକୁ ୬୦୦ ଟଙ୍କା ଦେଇଦିଏ । ସେ ଟଙ୍କାକୁ ସ୍ତ୍ରୀ ତା' ଇଚ୍ଛା ମୁତାବକ ଖର୍ଚ୍ଚ କରିବ । ତାକୁ କହିଛି ମୁଁ ଯେହେତୁ ଦିନସାରା ଘରେ ରହୁନି ସେଥିପାଇଁ ବୋଉକୁ ଦୁଇବେଳା ଠିକ୍ ସମୟରେ ଖାଇବାକୁ ଦେବୁ । ଯେହେତୁ ଦିନକୁ ୨୦ ଟଙ୍କା ହିସାବରେ ନେଉଛି ତେଣୁ ବୋଉକୁ ଠିକ୍ ସମୟରେ ଖାଇବାକୁ ଦେବାକୁ ନିଶ୍ଚିତ ମନେ ପଡିଯିବ । ଏମିତି ନ କରିଥିଲେ କିଛିଦିନ ପରେ ସେ କହିଥାନ୍ତା - " ମୁଁ ଏତେ କାମ କରି ପାରିବିନି । " ଆଉ ଗୋଟେ କଥା ମଧ୍ୟ ମୁଁ କରିଛି । ପୁଅ ଝିଅ ଦୁହିଙ୍କୁ ପ୍ରତିଦିନ ୫ ଟଙ୍କା ଲେଖାଏ ଦିଏ ଚକଲେଟ୍ ଖାଇବାକୁ । ସେମାନଙ୍କୁ କହିଛି ଦିନକୁ ନିଶ୍ଚେ ମୋ ବୋଉ ସହିତ କିଛି ସମୟ କଥା ହେବେ । ବୁଢି ଲୋକଙ୍କ ସହିତ ଛୋଟ ନାତି ନାତୁଣୀ କଥାବାର୍ତ୍ତା ହେଲେ ତାର ବହୁତ ସୁଫଳ ରହିଛି । ସେମାନେ କେବେ ନିଜକୁ ଆଉ ଅସହାୟ ବୋଲି ଭାବିବେନି ।

ସବୁବେଳେ ସେମାନଙ୍କ ମନ ଖୁବ୍ ପ୍ରଫୁଲ୍ଲ ରହିବ । ମୁଁ ସନ୍ଧ୍ୟାରେ ଅଫିସରୁ ଫେରି ଆଗ ମୋ ବୋଉ ସହିତ କିଛି ସମୟ କଥା ହୁଏ । ରାତିରେ ବୋଉର ମୋର ଏକାଠି ଖାଉ । ବୋଉ ଶୋଇବା ବେଳେ କିଛି ସମୟ ତାକୁ ମୋଡାଘଷା କରିଦେଲେ ସେ ନିଦରେ ଶୋଇଯାଏ । ଘରେ କେଇଟି ଗାଇ ମଧ ରଖିଛି । ଗୋସେବା ଠାରୁ ଆଉ ପୂଣ୍ୟ କାମ କିଛି ନାହିଁ ଏ ଦୁନିଆରେ । ପିଲାମାନେ ଭଲ କ୍ଷୀର ପାଇବେ ଆଉ ଏମିତିରେ ଘରେ ଯଦି କାହାର ଦେହ କିଛି ଅସୁବିଧା ହେଲା ସେମାନେ ହିଁ ଆଗ ମୁଣ୍ଡ ଦେଖାଇ ଦେବେ । "

ମୁଁ ତା କଥା ସବୁ ଶୁଣି ମନେ ମନେ ଭାବୁଥାଏ ସତରେ ଏମିତିକା ପୁଅ ବି ଅଛନ୍ତି ଏ ଦୁନିଆଁରେ । ଗରିବ ଗୁରୁବା ଘର ହେତୁ ଟଙ୍କା ପଇସାର ତାକତ୍ ନାହିଁ କିନ୍ତୁ ଖୁବ୍ ସୁନ୍ଦର ମନଟେ ରହିଛି । ଆଜିକାଲି ଚିକିତ୍ସା ଖୁବ୍ ବ୍ୟୟବହୁଳ ହୋଇ ଗଲାଣି । ଏ ଲୋକ ସେମିତି ଦାମିକା ପଦ୍ଧତିର ଚିକିତ୍ସା ତା' ମାଆକୁ ଦେଇ ନପାରେ କିନ୍ତୁ ଖୁବ୍ ମନପ୍ରାଣ ଦେଇ ସେବା ଯତ୍ନ କରିବାରେ ଟିକେ ବି ଊଣା କରିବନି । ମୁଁ ଖବର କାଗଜରେ ଆଜିକାଲି ମନକୁ ବହୁତ ଆଘାତ ଦେଲାପରି ଖବର ବହୁତ ପଢିଛି ଏଇ ପରିଣତ ବୟସର ବାପ ମାଆ ମାନଙ୍କୁ ତାଙ୍କ ପିଲାଙ୍କ ଅବହେଳା କରିବାର କଥାସବୁ । ପିଲା ମାନଙ୍କୁ ବୁଢା ବୁଢି ମାନଙ୍କ ପାଖକୁ ନ ଯିବାକୁ ତାଗିଦ୍ କରନ୍ତି ତାଙ୍କ ବାପ ମାଆ ମାନେ । ଅଥଚ ଏଠି ଗୋଟେ ପୁଅ ତା ମାଆ ସହିତ କେମିତି ତା ପୁଅ ଝିଅ କଥା ହେବେ ସେଥି ପାଇଁ ସେମାନଙ୍କୁ ପ୍ରତିଦିନ ୫ ଟଙ୍କା କରି ଚକଲେଟ୍ ଖାଇବାକୁ ଲାଞ୍ଚ ଦେଉଛି । ଯାହା ସବୁ କହିଗଲା ସେଥିରେ କିଛି ମିଛ ବା ଭେଜାଲ୍ ଥିବ ସେମିତି ମୋତେ ଆଦୌ ଲାଗୁ ନଥାଏ ।

ଏ ଭିତରେ ଚାହା ପିଇବା ସରି ଯାଇଥାଏ । ସେ ମୋତେ ଅନାଇଁ କହିଲା , " ସାର୍ ମୁଁ ଆସୁଛି । " ମୁଁ କେବଳ ମୁଣ୍ଡ ହଲାଇ ହଉ ବୋଲି ସଂକେତ ଦେଲି । ସେ ମୋ ବୋଉ ସହିତ ମୋତେ ନମସ୍କାର କରି ଆମ ଘରୁ ବାହାରି ଗଲା ।

ସେ ଘର ଗେଟ୍ ପାଖରେ ପହଞ୍ଚିବା ପରେ ମୋ ବୋଉ କହିଲା , " ବୁଝିଲୁ ଟିକା, ଭଲ ପୁଅଟିଏ ।"ମୋ ବୋଉର ଏଇ ଦୁଇପଦ କଥା - " ଭଲ ପୁଅଟିଏ " ଯେମିତି ବହୁତ କିଛି କଥା କହିବା ସହ ତାକୁ ଅଧା ପାଗଳ କହୁଥିବା ଲୋକମାନଙ୍କୁ ଉଚିତ୍ ଜବାବ୍ ଦେଉଥିଲା । ମୁଁ କେଉଁଠି ଗୋଟେ ପଢିଥିଲି, " ଯେଉଁ ପୁଅ ଉପରେ ତା ମାଆ ବାପାଙ୍କର ଆଶୀର୍ବାଦ ଥାଏ, ମାଆକୁ ଯେଉଁ ପୁଅ ଖୁବ୍ ଖୁସିରେ ରଖେ ସେ ପୁଅ କୁଆଡେ ଯେଉଁ ମାଟିରେ ହାତ ଦିଏ ସେଇ ମାଟି ବି ସୁନା ହୋଇଯାଏ ।"

ମୋ ଆଖି ଆଗରୁ ଆମ ଘର ଗେଟ୍ ଦେଇ ଠିକ୍ ସେମିତିକା ପୁଅଟିଏ ଆସ୍ତେ ଆସ୍ତେ ଚାଲି ଯାଉଥିଲା ।

ଗୋପାଳସାଗର, ଜଗତସିଂହପୁର

# ସଂପ୍ରଦାୟ ଏବେ ପତନାଭିମୁଖେ

ରୋଜା ପଣ୍ଡା

ପ୍ରତିଦିନ ପରି ଆଜିବି ଖବରକାଗଜର ପ୍ରଥମ ପୃଷ୍ଠାରେ କାହାର ଧର୍ଷଣ, କେଉଁଠି କନ୍ୟାଭ୍ରୁଣ ହତ୍ୟା ତ କେଉଁଠି ପାରିବାରିକ କଳହକୁ ନେଇ ବଧୂହତ୍ୟା । ଶେଷରେ ଆଉ ଯାହା କିଛି ସ୍ଥାନ ଖବରକାଗଜରେ ବଞ୍ଚିଛି ସେଠି ଉଲ୍ଲେଖ ଅଛି କିଛି ଦମ୍ପତିଙ୍କର ଘଟିଯାଇଥିବା ଆଇନସ୍ୱୀକୃତ ଛାଡପତ୍ର ଏବଂ ଆଉ କିଛି ଦମ୍ପତିଙ୍କ ଛାଡପତ୍ର ମୋକଦ୍ଦମାର ଶୁଣାଣି । ଏଥିରେ କୌଣସି ସମ୍ବାଦ ଦାତା କିମ୍ବା କୌଣସି ଖବରକାଗଜ ସମ୍ପାଦକଙ୍କର କୌଣସି ଭୁଲ ନାହିଁ କାରଣ ସବୁ ସ୍ଥାନ ଓ ସବୁସ୍ତରର ଖବର ଲୋକମାନଙ୍କ ପାଖରେ ପହଞ୍ଚାଇବା ହେଉଛି ସେମାନଙ୍କର କର୍ତ୍ତବ୍ୟ । ଦୁଃଖର କାରଣ ହେଉଛି ଆଜିକାଲି ସମାଜରେ ଉପରୋକ୍ତ ଘଟଣା ସବୁ ଏତେ ପରିମାଣରେ ଘଟୁଛି ଯେ ଅନ୍ୟ କୌଣସି ସ୍ତରର ଖବର ଅଣଦେଖା ହୋଇ ଖବରକାଗଜରେ କେଉଁଠି ଲୁଚିଯାଉଛି ।

ସବୁ ଘଟଣା ଦୁର୍ଘଟଣାର ଅନ୍ତିମ ପର୍ଯ୍ୟାୟରେ ବଳି ପଡିଯାଉଛନ୍ତି କେବଳ ନାରୀ, କନ୍ୟା, ବଧୂ, ବାଳିକା ଯାହା ବି କୁହାଯାଇପାରେ । ଶାନ୍ତ ସୁଶୀଳ ଅପରାହ୍ନ ହଜିଗଲାପରି ଅନ୍ୟର ଲୋଭ, ଲାଳସାର ନିଶାରେ ସମାଜର ସବୁସ୍ତରର ନାରୀମାନେ, ବଧୂମାନେ, ନାବାଳିକା ଓ ଶିଶୁକନ୍ୟାମାନେ ମଧ୍ୟ ଆଜି କ୍ଳାନ୍ତ ଓ ନିରୁପାୟ । ଆଦିଶକ୍ତିଙ୍କ ତେଜରେ ତେଜୀୟାନ ଥିବା ସ୍ତ୍ରୀ ଜାତି ଆଜି ବିରଳ ମୁହୂର୍ତ୍ତରେ ।

କେଉଁଠି ଯୌତୁକ କିମ୍ବା ଅନ୍ୟାନ୍ୟ ପାରିବାରିକ କଳହକୁ ନେଇ ବଧୂହତ୍ୟା ତ କେଉଁଠି ନାବାଳିକା ଧର୍ଷଣ, କେଉଁଠି କନ୍ୟା ଭ୍ରୁଣହତ୍ୟା ତ କେଉଁଠି ପୁଣି ଏକତରଫା ପ୍ରେମ ହେତୁ ପ୍ରେମିକାକୁ ହତ୍ୟା କିମ୍ବା ଏସିଡ ମାଡ । ସବୁଠି ନାରୀ ଜାତିର ଅଭାବନୀୟ ଚିତ୍ରପଟ । ସୃଷ୍ଟିକୁ ଯିଏ ଆଗକୁ ବଢାଇବାର କ୍ଷମତା ରଖିଛି ତାର ଯଦି ଏମିତି ଦିନକୁ ଦିନ ଲୋପ ହେବ ତେବେ ସୃଷ୍ଟିର ଭବିଷ୍ୟତ କଣ ?

ଆମ ପୃଥିବୀ ହେଉଛି ଈଶ୍ୱରଙ୍କ ରଚିତ ଏକ ପୁଷ୍ପ ଉଦ୍ୟାନ ଏବଂ ସେଥିରେ ପ୍ରସ୍ଫୁଟିତ ସୁଲଳିତ କୋମଳ ପୁଷ୍ପ ସମ୍ଭାର ହେଉଛନ୍ତି ସ୍ତ୍ରୀ, ବଧୂ ଓ ବାଳିକାମାନେ । ପୁଷ୍ପ ଉଦ୍ୟାନକୁ ସଯତ୍ନେ ଆଦରରେ ସୁରକ୍ଷିତ ରଖିଲେ ଉଦ୍ୟାନର ଶୋଭା ବର୍ଦ୍ଧନ ହୁଏ ମାତ୍ର ସେଗୁଡିକୁ ବୃନ୍ତଚ୍ୟୁତ କରି ଛିନଭିନ କରିବା ଆସୁରିକ ପ୍ରବୃତ୍ତିର ପରିଚାୟକ ।

ସଂସାରରେ ସମସ୍ତଙ୍କ ମାନ ରଖୁଥିବା ଏହି ସ୍ତ୍ରୀ ଜାତି ଆଜି ନିଜ ଅପମାନର ବୋଝ ସମ୍ଭାଳି ନପାରି କରୁଛନ୍ତି ଆତ୍ମଦାହ । ଏଇଟା ପୁରାପୁରି ଠିକ୍ ଯେ ଯେଉଁଠାରେ କନ୍ୟାରତ୍ନଟିଏ ନଥାଏ ସେଠି ସତ୍ୟ ଓ ନ୍ୟାୟର ବି ଜ୍ଞାନ ନଥାଏ । କିଛି ବିଶ୍ଳେଷଣ କରିବା ପୁର୍ବରୁ ଜାଣିରଖିବାକୁ ହେବ କିଛି ନିରାଟ ସତ୍ୟ । ଯାହା ଆରମ୍ଭ ହୁଏ ବଧୂଙ୍କଠାରୁ ।

ଭାରତ ସମ୍ବିଧାନରେ ଧାରା ୨୧ ସମସ୍ତ ଭାରତୀୟ ନାଗରିକଙ୍କୁ ସ୍ୱାଧୀନ ଭାବରେ ବଞ୍ଚିବାର ଅଧିକାର ପ୍ରଦାନ କରିଛି । ଏଠି ଅଧିକାର ବିଷୟରେ କହିବାର ତାତ୍ପର୍ଯ୍ୟ , ଝିଅଟିଏ ...

ଯେତେବେଳେ ସେ ନିଜ ଘରକୁ ସଜାଡି ସାରି ଅନ୍ୟ ଘରକୁ ସଜାଡ଼ିବାପାଇଁ ନିଜ ରକ୍ତସମ୍ପର୍କକୁ ଭୁଲି ଅନ୍ୟ ଘରକୁ ସବୁଦିନ ପାଇଁ ଆପଣେଇ ନେଇଥାଏ, ବିବାହ ବନ୍ଧନରେ ବାନ୍ଧିହେଇ ପରଘରେ ପାଦ ଦିଏ ସେତେବେଳେ ଅନେକ ଅସରନ୍ତି ଆଶା ଓ ଭରସା ନେଇ ସେ ଆସିଥାଏ । ସେ ସେତେବେଳେ ଶାଶୁଘରର କାହା ଉପରେ ବି ନିଜର ବିଚାରକୁ ଜାହିର ନକରି କେବଳ ମାଆ ବଦଳରେ ମାଆଟିଏ ଆଉ ନିଜ ପରିବାରର ସ୍ନେହ ପରି ସ୍ନେହ ଟିକେ ଖୋଜିଥାଏ । କିନ୍ତୁ ଏସବୁ ବଦଳରେ ତାକୁ ମିଳେ କ'ଣ ? ହତ୍ୟା ନହେଲେ ଶାରୀରିକ କିମ୍ବା ମାନସିକ ନିର୍ଯାତନା । ହଁ ,ଏବେ ଆଉ ଏକ ପନ୍ଥା ବି ବାହାରିଲାଣି ଛାଡପତ୍ର । ଏସବୁ ପଛରେ ବି ସେଇ ନାରୀମାନଙ୍କର ଭୂମିକା ଗୁରୁତ୍ୱପୂର୍ଣ୍ଣ ଥାଏ କେତେବେଳେ ଶାଶୁ ରୂପରେ ତ ପୁଣି କେତେବେଳେ ନଣନ୍ଦ ରୂପରେ । ସବୁବେଳେ ଟିଭି, ରେଡ଼ିଓ ଏବଂ ଖବରକାଗଜରେ ପୁଅ ବୋହୁମାନେ ଶାଶୁ ଶ୍ୱଶୁରଙ୍କୁ ବୃଦ୍ଧବସ୍ଥାରେ କଷ୍ଟ ଦିଅନ୍ତି ବୋଲି ଉଲ୍ଲେଖ ହେଇଥାଏ କିନ୍ତୁ ସେଇ ଘଟଣାର ପୂର୍ବାବସ୍ଥା ଯେ କେତେ ଭୟଙ୍କର ଥାଏ ସେକଥା କାହାର ଦୃଷ୍ଟିଗୋଚର ହେଇନଥାଏ ।

ସବୁ ବଧୂମାନେ ନିଜ ସଂସାରକୁ ଖୁସିରେ ଆଗକୁ ନେବାକୁ ଆଶା ପୋଷଣ କରିଥାନ୍ତି । ନିଜ ଘରେ ନିଜ ସ୍ୱାମୀ ଓ ଶାଶୁ, ଶ୍ୱଶୁର ଏବଂ ଅନ୍ୟାନ୍ୟ ସମସ୍ତ ପରିବାରଙ୍କ ସହିତ ଖୁସିରେ ରହିବାକୁ ଚାହିଁଥାନ୍ତି । ହେଲେ ନବ ବଧୂଟିଏ ନୂଆ କରି ଶାଶୁଘରେ ପାଦ ଦେଲାକ୍ଷଣି ଶାଶୁମାନଙ୍କ ମନରେ ନିଜ ପୁତ୍ରକୁ ହରାଇବାର ଭୟ ଜାତହୁଏ । ସେଥିପାଇଁ ସେମାନେ ନବବଧୂମାନଙ୍କୁ ନିଜ ଇସାରାରେ ନଚାଇବାକୁ ଚେଷ୍ଟା କରନ୍ତି । ବଧୂମାନଙ୍କର ସମସ୍ତ ଅଧିକାର ମଧ୍ୟ ସେ ଛଡାଇ ନିଅନ୍ତି । ନିଜ ପସନ୍ଦରେ, ନିଜ ଢାଞ୍ଚାରେ ସେମାନେ ନବବଧୂମାନଙ୍କୁ ପରିଚାଳନା କରିବାକୁ ଚେଷ୍ଟା କରନ୍ତି ।

ନିଜଠାରୁ ନିଜ ବଧୂମାନଙ୍କୁ ଅଧିକ ପାରଙ୍ଗମ ଦେଖି ଖୁସି ହେବା ପରିବର୍ତ୍ତେ ସେମାନେ ଈର୍ଷା କରିବାରେ ଲାଗନ୍ତି । ଶାଶୁଘରେ ସ୍ୱାଧୀନ ଭାବରେ ବଞ୍ଚିବାର ସବୁ ଅଧିକାର ସେମାନେ ବଧୂଙ୍କଠାରୁ ଛଡାଇ ନିଅନ୍ତି । ନିଜର ପ୍ରାଧାନ୍ୟକୁ ସୁରକ୍ଷିତ କରିବା ପ୍ରୟାସରେ ସେ ମାଆରୁ ପାଲଟିଯା'ନ୍ତି ମନ୍ଥରା । ସ୍ୱାମୀ ଓ ସ୍ତ୍ରୀଙ୍କ ମଧ୍ୟରେ କଳହ, ମତାନ୍ତର ସୃଷ୍ଟି କରିବାପାଇଁ ମଧ୍ୟ ପଛାନ୍ତି ନାହିଁ । କିଛି ପୁଅମାନେ ସେତେବେଳେ ସତ୍ୟ ଓ ନ୍ୟାୟର ପଟ ନେଇ ଏସବୁକୁ ବିରୋଧ କରି ଖରାପ ପୁଅ ବା ସ୍ତ୍ରୀ ବୁଦ୍ଧିଆ ବୋଲି ଆଖ୍ୟା ପାଆନ୍ତି ଆଉ କିଛି ପୁଅମାନେ ମାଆମାନଙ୍କର ଆଜ୍ଞାଧୀନ ପୁତ୍ର ସାଜିବାକୁ ଯାଇ ନିଜ ହାତରେ ନିଜ ଘରକୁ ଭାଙ୍ଗି ଅଗ୍ନିକୁ ସାକ୍ଷୀ ମାନି ସାତ ଜନ୍ମ ପାଇଁ ସାଥିରେ ରହିବାକୁ ସଂକଳ୍ପ କରିଥିବା ନିଜ ସ୍ତ୍ରୀମାନଙ୍କୁ  ଛାଡପତ୍ର ଦିଅନ୍ତି । ଆଉକିଛି ପୁଅମାନେ ମଧ୍ୟ ସ୍ଥିତପ୍ରଜ୍ଞର ମୁକୁଟ ପିନ୍ଧିବା ଆଳରେ ବଧୂମାନଙ୍କ ପ୍ରତି ହେଉଥିବା ଅତ୍ୟାଚାରକୁ ଦେଖି ନଦେଖିବାର ଅଭିନୟ କରନ୍ତି । ଆଜିକାଲି ବଧୂ ନିର୍ଯାତନାର ଅବରୋଧ ପାଇଁ ବହୁତ ଆଇନ କାନୁନ, ମହିଳା ସୁରକ୍ଷା ସଂଘ ବାହାରିଲାଣି । ସେହି କାର୍ଯ୍ୟଧାରାକୁ ଆଖିଆଗରେ ରଖି ଶାଶୁଘର ଲୋକମାନେ ଆଉ ବିଶେଷ ଶାରୀରିକ ନିର୍ଯାତନା ନଦେଇ ମାନସିକ ନିର୍ଯାତନା ଦେବାରେ ଲାଗିପଡିଛନ୍ତି । ଶାରୀରିକ ନିର୍ଯାତନାରେ ଦେହର କ୍ଷତାକ୍ତ ଅନ୍ୟକୁ ଦେଖାଇ ହେବ କିନ୍ତୁ ମାନସିକ ନିର୍ଯାତନାରେ କ୍ଷତ ମନରେ ହୁଏ ଯାହା କାହାକୁ ଦେଖାଇହୁଏନି । ଶାଶୁଘରଲୋକଙ୍କ ଛଳନା ଭରା ଭଲପାଇବା ସାମ୍ନାରେ  ମନର କ୍ଷତ ସବୁ ଲୋକଲୋଚନକୁ ଆସିବାରେ ବିଫଳ ହୁଏ । ଫଳରେ ମାନସିକ ଯନ୍ତ୍ରଣା ସହିନପାରି ନିର୍ଯାତିତା ଧୀରେ ଧୀରେ ତାଙ୍କ ମାନସିକ ଭାରସାମ୍ୟ ହରାଇବସନ୍ତି । କିଛି ବଧୂମାନେ ମଧ୍ୟ ନିଜକୁ ଏହି ମାନସିକ ଯନ୍ତ୍ରଣାରୁ ଉଦ୍ଧାର କରିବାପାଇଁ ଆତ୍ମହତ୍ୟା ଭଳି ଜଘନ୍ୟ ପଦକ୍ଷେପ ନିଅନ୍ତି ଆଉ କିଛି ବଧୂମାନେ କିଛି ଉପାୟ ନପାଇ ନିଜ ସ୍ୱାମୀଙ୍କ ସହିତ ଯୌଥ ପରିବାରରୁ ଦୁରେଇ ରୁହନ୍ତି  । ଆଉ କିଛି ବଧୂ ଶାଶୁଘରକୁ ନିଜର କର୍ମଭୂମି ମାନିନେଇ ସବୁ ଦୁଃଖ କଷ୍ଟ ସହିଯାନ୍ତି  ।

ଏହା ଫଳରେ ଶାଶୁ ଶ୍ୱଶୁର ମାନଙ୍କପ୍ରତି ବଧୂମାନଙ୍କ ମନରେ ଥିବା ସମ୍ମାନ ଓ ଭଲପାଇବା ଧୀରେ ଧୀରେ ଘୃଣାରେ ପରିଣତ ହେଇଯାଏ ଯାହାର ପରିଣାମ ସ୍ୱରୂପ ଶାଶୁ ଶ୍ୱଶୁରମାନଙ୍କୁ ନିଜର ବୃଦ୍ଧବସ୍ଥାରେ ଭୋଗିବାକୁ ପଡେ । ହଁ ବୃଦ୍ଧବସ୍ଥାରେ ଶାଶୁ ଶ୍ୱଶୁରଙ୍କ ପରି ଗୁରୁଜନ ମାନଙ୍କୁ କଷ୍ଟ ଦେବା ଓ ସେମାନଙ୍କ ଠାରୁ ଦୁରେଇ ଯିବା ସମ୍ପୂର୍ଣ୍ଣ ଭୁଲ ଏବଂ ନିୟମ ବିରୁଦ୍ଧରେ । ଏଥିପାଇଁ ଦଣ୍ଡବିଧାନ ରହିବା ଆବଶ୍ୟକ କିନ୍ତୁ ନବବଧୂମାନଙ୍କର ସରଳ ମନକୁ ବୁଝି ସେମାନଙ୍କୁ ନିଜ ଢଙ୍ଗରେ ବଞ୍ଚିବାକୁଦେବା ସବୁ ଶାଶୁ ଶ୍ୱଶୁରଙ୍କର ମଧ୍ୟ ଏକ ପ୍ରଧାନ କର୍ତ୍ତବ୍ୟ ।

ଗୋଟେ ମାଆ ଯେତେବେଳେ ଘରର ଜ୍ୱାଇଁକୁ ନିଜ ପୁଅଭଳି ମାନିନେଇ ତା'ର ଆଦର ଯତ୍ନ କରନ୍ତି ସେତେବେଳେ ସେଇ ମାଆ ଗୋଟେ ବଧୂକୁ କାହିଁକି ଏତେ ନିର୍ଯାତନା ଦିଅନ୍ତି । ଯୌତୁକ ଲୋଭରେ ନିଜ ପୁତ୍ରବଧୂକୁ ନିର୍ମମ ଭାବରେ ହତ୍ୟା କରନ୍ତି କିମ୍ବା କିଛି ନା କିଛି ଆଳରେ ଘରୁ ବହାରକରି ଦିଅନ୍ତି । ଶାଶୁ ଓ ନଣନ୍ଦ ମାନେ ଭୁଲିଯା'ନ୍ତି ଯେ ସେମାନେ ବି ଜଣେ ଜଣେ ନାରୀ । ଏହିପରି ଘଟଣା ଦେଖି କନ୍ୟା ମାନଙ୍କ ପିତା ମାତା ମାନେ ଶାଶୁ ଏବଂ ନଣନ୍ଦ ଥିବା ଘରକୁ ଝିଅ ଦେବାକୁ କୁଣ୍ଠାବୋଧ କରୁଛନ୍ତି । ବଡ ବଡ ନେତା ମନ୍ତ୍ରୀ ମାନଙ୍କ ଘରେ ବି ଏହିଭଳି ଘଟଣା ସବୁ ଘଟିଚାଲୁଛି । କିଛିଲୋକ ମଧ୍ୟ ଯୌତୁକ ସମସ୍ୟା ବା ଶାଶୁଘରେ ହେଉଥିବା ନିର୍ଯାତନାର ଭୟରେ ନିଜର କନ୍ୟା ସନ୍ତାନ ହେବାର ସୂଚନା ଜାଣି ତାଙ୍କୁ ଭ୍ରୁଣରୁ ହିଁ ହତ୍ୟା କରିଦେଉଛନ୍ତି । କିନ୍ତୁ ଏହାର ସମାଧାନ ଆମ ନିଜ ହାତରେ ଅଛି । ଆମେ ଯଦି ସଚେତନ ନହେବା ତେବେ ସ୍ତ୍ରୀ ଜାତି ରୁ କିଛି ଏହିପରି ଭାବେ ଲୋପ ହେଇଯିବେ । କିଛି କନ୍ୟା ମଧ୍ୟ ଜନ୍ମ ହେବା ପୂର୍ବରୁ କନ୍ୟା ହେତୁ ମୃତ୍ୟୁଦଣ୍ଡ ପାଉଛନ୍ତି । ନିଜେ କନ୍ୟା ହେଇ ମଧ୍ୟ କିଛି ନାରୀମାନେ ପୁତ୍ର ସନ୍ତାନର ଲାଳସାରେ ନିଜ କନ୍ୟାଙ୍କୁ ଭ୍ରୁଣରୁ ହିଁ ମାରିଦେଉଛନ୍ତି ।

କନ୍ୟା ସନ୍ତାନ ଜନ୍ମ ଦେଇଥିବା ହେତୁ ମଧ୍ୟ କିଛି ବଧୂମାନେ ଶ୍ୱଶୁରାଳୟରେ ନିର୍ଯାତିତ ହେଉଛନ୍ତି। ଏହିପରି ମଧ୍ୟ କିଛି କନ୍ୟା ଭ୍ରୁଣରୁ ହିଁ ଲୋପ ପାଇଯାଉଛନ୍ତି ।

ବାକି ରହିଲେ କିଛି ନାବାଳିକା ଯେଉଁମାନେ କି ନିର୍ମମ ଭାବରେ ଧର୍ଷିତ ହେଉଛନ୍ତି । ପ୍ରତିଦିନ କେହି ନା କେହି କୋଉଠି ନା କୋଉଠି । ବାଳିକାମନେ ଧୀରେ ଧୀରେ ପାଠପଢିବାକୁ ଯିବାପାଇଁ ମଧ୍ୟ ଭୟଭୀତ ହେଲେଣି । ନିରାପଦରେ ବାହାରକୁ ବାହାରିବା ଭଳି ଅଧିକାର ସେମାନଙ୍କଠାରୁ ଛଡେଇ ନିଆଯାଉଛି । କିଛି କଦର୍ଯ୍ୟ କୁସଂସ୍କାରି ବ୍ୟଭିଚାରୀ ପୁରୁଷଙ୍କ ଶିକାର କବଳରୁ ନିଜକୁ ରକ୍ଷା କରିନପାରି କିଛି ନାବାଳିକା ହରାଉଛନ୍ତି ନିଜର ବହୁମୂଲ୍ୟ ଜୀବନ । ମାସ ମାସ ଧରି ସେହି ନିରୀହ ନାବାଳିକାମାନେ କେତେକ ଲମ୍ପଟ ପୁରୁଷଙ୍କ ଦ୍ୱାରା ଧର୍ଷିତ ହେଇ କୋମାକୁ ଚାଲିଯାଉଛନ୍ତି କିମ୍ବା ମୃତ୍ୟୁର ଶିକାର ହେଉଛନ୍ତି । ଏହିପରି ରୂପେ କିଛି କନ୍ୟାଙ୍କର ପରିସମାପ୍ତି ଘଟୁଛି । ବାକି କିଛି ପ୍ରେମିକା ରୂପରେ ଏକତରଫା ପ୍ରେମ କରୁଥିବା ପ୍ରେମିକର ଏସିଡି ମାଡ କିମ୍ବା ଅତ୍ୟାଚାରରେ ମୃତ୍ୟୁବରଣ କରିଛନ୍ତି ।

ଏହିଭଳି ବିଭିନ୍ନ କୁମାଧ୍ୟମରେ କେବଳ ସ୍ତ୍ରୀ ଜାତି ହିଁ ଲୋପ ହେଉଛନ୍ତି । ଏହିପରି ଯଦି ଲାଗିରହିବ ତେବେ ଖୁବ କମ ଦିନରେ ସମାଜରୁ ସବୁ ସ୍ତ୍ରୀ ଜାତି ଧ୍ୱଂସ ପାଇଯିବେ । ସୃଷ୍ଟି ଆଗକୁ ବଢ଼ିପାରିବ ନାହିଁ । ସମାଜରେ କେବଳ ପୁରୁଷ ହିଁ ରହିଯିବେ । ତେବେ ଯେଉଁ ସ୍ତ୍ରୀ ଜାତି ଆମପାଇଁ ଖାଦ୍ୟ ରାନ୍ଧୁଛନ୍ତି, ଆମର ସବୁ କାର୍ଯ୍ୟରେ ସାହାଯ୍ୟର ହାତ ବଢ଼ାଉଛନ୍ତି, ଆମର ସଂସାରକୁ ପରିଚାଳନା କରୁଛନ୍ତି ସେଇ ସ୍ତ୍ରୀ ଜାତିଙ୍କୁ ଯଦି ଆମେ ବିଭିନ୍ନ କୁମାଧ୍ୟମରେ ଏହିପରି ବିଲୁପ୍ତ କରିଦେବା ତେବେ ସୃଷ୍ଟି କେମିତି ଚାଲିବ ଏବଂ କାହାପାଇଁ ଚାଲିବ ।

ତେବେ ସବୁ ଶାଶୁମାନଙ୍କୁ ଅନୁରୋଧ ନିଜ ପୁତ୍ରବଧୂଙ୍କୁ ନିଜ ଝିଅପରି ବ୍ୟବହାର କରନ୍ତୁ, ସେମାନଙ୍କୁ ସ୍ୱାଧୀନ ଭାବରେ ବଞ୍ଚିବାକୁ ଦିଅନ୍ତୁ, ସବୁ ପୁରୁଷମାନଙ୍କୁ ଅନୁରୋଧ ନିଜ ସ୍ତ୍ରୀଙ୍କୁ ଛାଡି ସମସ୍ତ ନାରୀ ଜାତିଙ୍କୁ ମାଆ ଏବଂ ଭଉଣୀ ପରି ସମ୍ମାନ ଏବଂ ସୁରକ୍ଷା ପ୍ରଦାନ କରନ୍ତୁ ଏବଂ ସବୁ ସ୍ତ୍ରୀମାନଙ୍କୁ ଅନୁରୋଧ ଦୟାକରି କନ୍ୟାଭ୍ରୁଣ ହତ୍ୟା କରନ୍ତୁ ନାହିଁ । ଈଶ୍ୱରଙ୍କ ସୃଷ୍ଟିକୁ ଅସମ୍ମାନ କରନ୍ତୁ ନାହିଁ । କିଛି ଶାଶୁମାନେ ଦେବୀଙ୍କ ପରି । ବଧୂ ଏବଂ ଝିଅ ଭିତରେ କିଛି ପାର୍ଥକ୍ୟ ଦେଖନ୍ତି ନାହିଁ । ଅନ୍ତରରୁ ସେମାନେ ଖୁବ ଭଲ ବ୍ୟବହାର ଦେଖାନ୍ତି ନିଜ ବଧୂଙ୍କୁ । ସ୍ନେହ ପ୍ରେମରେ ଊଣା କରନ୍ତିନାହିଁ । କିଛି ପୁରୁଷ ବି ଦେବତା ତୁଲ୍ୟ । ସ୍ତ୍ରୀ ଜାତିଙ୍କୁ ଦେବୀଙ୍କ ପରି ସମ୍ମାନ କରନ୍ତି । କିଛି ପରିବାର ମଧ୍ୟ କନ୍ୟା ସନ୍ତାନକୁ ଖୁବ ସହଜରେ ବିନା କିଛି ଦ୍ୱିଧାରେ ଆପଣେଇ ନିଅନ୍ତି ଈଶ୍ୱରଙ୍କ ବରଦାନ ଭାବି । ସେମିତି ସ୍ୱଭାବର ସମସ୍ତଙ୍କୁ ମୋର ସାଦର ପ୍ରଣାମ । ଆମେ ସମସ୍ତେ ପ୍ରଥମେ ନିଜକୁ ବଦଳେଇବା ଆବଶ୍ୟକ । ନିଜର ଇଚ୍ଛାକୁ ଅନ୍ୟ ଉପରେ ନଢାଳି ସମସ୍ତଙ୍କୁ ନିଜ ନିଜ ହିସାବରେ ବଞ୍ଚିବାକୁ ଦେବା ଆବଶ୍ୟକ । ଅନ୍ୟମାନେ ଦେଖିଥିବା ଛୋଟ ଛୋଟ ସ୍ୱପ୍ନକୁ ଇର୍ଷାରେ ନଭାଙ୍ଗି ନିଜ ସ୍ୱପ୍ନକୁ ସାକାର କରିବାପାଇଁ ସେମାନଙ୍କୁ ଉତ୍ସାହ ଦେବା ଆବଶ୍ୟକ । ଆମେ କାହାର କ୍ଷତିକୁ ଭରଣ କରିପାରିବା ନାହିଁ କି କାହାକୁ ଜୀବନ ଦେଇପାରିବା ନାହିଁ ସେଥିପାଇଁ କାହାର କ୍ଷତି କରିବା କିମ୍ବା କାହାର ଜୀବନ ନେବାପାଇଁ ଆମର କୌଣସି ଅଧିକାର ନାହିଁ ।

"ବସୁଧୈବ କୁଟୁମ୍ବକମ୍"

ନେତାଜୀ ନଗର, ମଧୁପାଟଣା
କଟକ

# ପିତାମହ

(ଭାଗ- ୨)

ପ୍ରଶାନ୍ତ କୁମାର ନାୟକ

ପିତାମହ ବୃହସ୍ପତି ଯେ ଭବିଷ୍ୟଦର୍ଶୀ । ତାଙ୍କର ସେ ବାଣୀ ଆଜି ସତ୍ୟରୂପରେ ପରିବର୍ତ୍ତନ ହୋଇଗଲା । ଲୋହିତାକ୍ଷ ହଠାତ୍ କିଛି ବୁଝିପାରି ନଥିଲେ । ସେ ସହୃଦୟ ବେଦାଂଶୀଙ୍କୁ ପ୍ରେମ କରୁଥିଲେ । ବେଦାଂଶୀ ପରି କନ୍ୟାଙ୍କୁ ବିବାହ କରିବା ଏକ ସୌଭାଗ୍ୟର କଥା । ରୂପ, ଗୁଣ, ଜ୍ଞାନ, ବ୍ୟବହାର ଇତ୍ୟାଦିରେ ବୋଧେ ଆଉ ଗୋଟେ ଝିଅ ଖୋଜିବା କଷ୍ଟକର । ସେ ଏକ ପକ୍ଷରେ ନିଜର ପ୍ରେମ ଓ ଭବିଷ୍ୟତକୁ ଦେଖୁଥିଲେ ଏବଂ ଅନ୍ୟ ପକ୍ଷରେ ପିତାଙ୍କ ପ୍ରତି ଥିବା ଭୟ । ତାଙ୍କର ସାହସ ନଥିଲା ଯେ ସେ ନିଜ ପିତାଙ୍କର ବିରୋଧ କରିପାରିବେ । ବୟସ ମାତ୍ର କୋଡିଏ । ପିତା ବିବାହ ପାଇଁ ବାଧ କଲେଣି, ତାଛଡା ସେ ବିଭାଘର ବି ଠିକ୍ କରି ସାରିଲେଣି । ସେ ନିଜର ପୁତ୍ରକୁ ବିକ୍ରୀକରିବା ପାଇଁ ଯେ ଆଡ଼ଭାନ୍ସ ନେଇ ସାରିଲେଣି । ସେ କିପରି ପିତା ଯେ ନିଜର ପୁତ୍ରର ଭବିଷ୍ୟତ ଓ ଖୁସି ବିଷୟରେ କୌଣସି ବି ଅଧିକାର ଦେବାକୁ ପ୍ରସ୍ତୁତ ନୁହଁନ୍ତି । କିଛି ନିର୍ଣ୍ଣୟ ନେଇ ନପାରି ଲୋହିତାକ୍ଷ ନିଜକୁ ସବୁଠୁ ଦୁର୍ଭାଗା ବୋଲି ଭାବି ଚାଲିଲେ । ସେ ବିଚାର କରିପାରୁ ନଥିଲେ ଯେ କାହାକୁ ଛାଡ଼ିବେ ଏବଂ କାହାକୁ ନିଜର କରିବେ ? ସେ ବେଦାଂଶୀଙ୍କୁ କେବେ ଛାଡି ପାରିବେ ନାହିଁ, ଅପରପକ୍ଷରେ ନିଜର ଜନ୍ମଦାତା ମାତାପିତାଙ୍କୁ ମଧ୍ୟ ।

ସେ ଏପ୍ରକାର କଥା କୌଣସି ବି ପରିବାରକୁ ଜଣାଇ ନପାରି, ପରଦିନ ସକାଳେ ରେୱା ଷ୍ଟେସନରୁ ଗୋଟେ ଟ୍ରେନ ଧରି ଅନ୍ୟ କେଉଁ ଜାଗାକୁ ଚାଲିଯିବେ ବୋଲି ବିଚାର କଲେ । କିନ୍ତୁ ସେ ଯଦି ଦିଲ୍ଲୀ ଯିବେ ନାହିଁ, ତା' ହେଲେ ପିତା ତାଙ୍କୁ କିଛି ସମ୍ପତ୍ତି ଦେବେନାହିଁ ।

ସେ ବଞ୍ଚିବେ କିପରି ? ଅନ୍ୟ କେଉଁ ଜାଗାକୁ ଚାଲିଗଲେ ସେ କିପରି ଭାବରେ ନିଜର ଭବିଷ୍ୟତ ସମ୍ଭାଳି ପାରିବେ ? ଏସବୁ ପ୍ରଶ୍ନର ଉତ୍ତର ଯେ କିଏ ଦେଇ ପାରିବ ? ଭାବି ଚାଲିଥିଲେ । ବେଦାଂଶୀର ଘରେ ପ୍ରଥମଥର ଭେଟ କରିବାକୁ ଯାଇଥିବା ସମୟରେ ସେ ପିତାମହ ବୃହସ୍ପତିଙ୍କର ଉଚ୍ଚାରିତ ଶବ୍ଦ 'ପ୍ରତିକାର'କୁ ମନେପକାଇ ପାରିଥିଲେ । ସେ ସମସ୍ୟାର ସମାଧାନ ପାଇଁ ପିତାମହଙ୍କର ସାହାଯ୍ୟ ନେବାକୁ ଉଚିତ୍ ଭାବିଲେ । ସେ ଏକଥା ବି ଜାଣିଥିଲେ ଯେ ପିତାମହ ପ୍ରତିଦିନ ପ୍ରାତଃ ସମୟରେ ଚାଲିବାକୁ ଯାଆନ୍ତି ଏବଂ ଏକ ନିର୍ଦ୍ଦିଷ୍ଟ ସମୟରେ ଏକ ନିର୍ଦ୍ଦିଷ୍ଟ ଦୋକାନରେ ଚାହା ପିଇଥାନ୍ତି । ତେଣୁ ସେ କୌଣସି ପ୍ରକାର ରାତ୍ରିଟି ବିତାଇସାରି ସକାଳ ହେବା ପୂର୍ବରୁ ଯାଇ ସେ ଦୋକାନ ନିକଟରେ ଅପେକ୍ଷାରତ । ସଠିକ୍ ସମୟରେ ପିତାମହ ସେ ଦୋକାନରେ ଚାହା ପିଇବା ପାଇଁ ପହଞ୍ଚିଲେ ଏବଂ ଚାହା ପିଉ ପିଉ ତାଙ୍କର ନଜର ଯେ ଲୋହିତାକ୍ଷ ଉପରେ ପଡିଥିଲା । ସେ ବଡ଼ ବ୍ୟସ୍ତ ଓ ବିବ୍ରତ ବିଦ୍ୟମାନ ହେଉଥିଲେ । ପିତାମହ ଦୋକାନର ଚେୟାର ଉପରୁ ଉଠି ତାଙ୍କ ପାଖରେ ପହଞ୍ଚିଲେ । ଏହି ଅବସରର ସୁଯୋଗ ନେଇ ଲୋହିତାକ୍ଷ ସବୁ ଘଟଣାର ବର୍ଣ୍ଣନା କରିଚାଲିଥିଲେ । ପିତାମହଙ୍କ ମୁଣ୍ଡରେ ଆଜି ଇନ୍ଦ୍ରଙ୍କର ବଜ୍ର ପ୍ରହାର ହୋଇ ଚାଲିଥାଏ କିନ୍ତୁ ସେ ବିଦ୍ୱାନ ବ୍ୟକ୍ତି ହୋଇଥିବାରୁ, ଧୈର୍ଯ୍ୟହରା ହୋଇନଥିଲେ । ସେ କିଛି ସମୟ ପରେ ବିଚାର କରିଥିଲେ ଯେ ସେ ଉଭୟ ପକ୍ଷର ମାନ ରଖିବା ଉଚିତ୍ ଏବଂ ସେଥିଲାଗି ଲୋହିତାକ୍ଷଙ୍କୁ ଉଭୟ ପକ୍ଷକୁ ତ୍ୟାଗ କରିବାକୁ ପଡିବ । ଏହା ଶୁଣି ଲୋହିତାକ୍ଷ ଯେ ଆହୁରି ଡରି ଯାଇଥିଲେ । ପିତାମହ ଲୋହିତାକ୍ଷଙ୍କୁ ଏତିକି ପ୍ରଶ୍ନ କରିଥିଲେ ଯେ ଧୈର୍ଯ୍ୟହୀନ ନହୋଇ, ସେ ଏ ସମୟରେ କେଉଁ କାର୍ଯ୍ୟପ୍ରତି ଅଧିକ ଧ୍ୟାନଦେବା ଉଚିତ ? ଯଦି ବେଦାଂଶୀଙ୍କୁ ନିଜର କରିବାର ଆଶାଥାଏ, ତାହେଲେ ସେ ନିଜର ପିତାଙ୍କ ସମ୍ପତ୍ତିଠାରୁ ଦୂରକୁ ଯାଇ ନିଜକୁ ଯୋଗ୍ୟ କରିବା ଉଚିତ । ଯଦି ତାହା ସେ ନକରି ପାରିବେ, ସେ ବେଦାଂଶୀଙ୍କୁ ତ୍ୟାଗକରି ନିଜର ପିତାଙ୍କ ସମ୍ପତ୍ତି ଉପଭୋଗ କରିବା ପାଇଁ ଦିଲ୍ଲୀ ଯିବା ଉଚିତ୍ ।

ତେଣୁ ପିତାମହଙ୍କର ଉପଦେଶ ମାନି ସେ ଦୁଇଜଣଙ୍କୁ ଛାଡ଼ି ଅନ୍ୟ କେଉଁ ଜାଗାକୁ ଯାଇ ପ୍ରଥମେ ନିଜର ଭବିଷ୍ୟତ ନିର୍ମାଣ କରିବା ଦ୍ୱାରା ସେ ଉଭୟ ପକ୍ଷର ସମ୍ମାନ ଭବିଷ୍ୟତରେ କରିପାରିବେ । ଏହା ହିଁ ସେଦିନ କହିଥିବା ଶବ୍ଦ 'ପ୍ରତିକାର'ର ଅର୍ଥଥିଲା । ପିତାମହ ନିଜର ସାର୍ଟ ପକେଟରୁ ଏକ ଛୋଟିଆ ଫୋନ ଡ଼ାଏରୀ ବାହାର କରିଥିଲେ ଏବଂ ସେଥିରୁ ଗୋଟେ ନମ୍ବର ସେ ଲୋହିତାକ୍ଷଙ୍କୁ ଦେଇଥିଲେ । ସେ ବ୍ୟକ୍ତି ଜଣକ ତାଙ୍କର ପରିଚିତ ଏବଂ ସେ ଆଲ୍ଲାହାବାଦ ସହରରେ ରୁହନ୍ତି । ନିଃସଙ୍କୋଚ ହୋଇ ସେ ତାଙ୍କୁ ଫୋନ କରିବେ ଏବଂ ତାଙ୍କ ପାଖରେ ଯାଇ ପହଞ୍ଚିବେ । ସେ ବ୍ୟକ୍ତି ଜଣକ ଲୋହିତାକ୍ଷଙ୍କର ପୂର୍ଣ୍ଣରୂପରେ ସାହାଯ୍ୟ କରିବେ । ଏହା ଉତ୍ତମ ବିଚାର । ତେଣୁ ସେ ବେଦାଂଶୀଙ୍କୁ କିଛି ନଜଣାଇ ଏବଂ ନିଜ ପିତାଙ୍କୁ କିଛି ନଜଣାଇ ଟ୍ରେନ ଧରି ଆଲ୍ଲାହାବାଦ ସହର ଅଭିମୁଖେ ଯାତ୍ରା ଆରମ୍ଭ କଲେ । ପିତାମହ ତାର ପୂର୍ବରୁ ଘରେ ପହଞ୍ଚି ତାଙ୍କର ଦ୍ୱିତୀୟ ପୁତ୍ର ମାଧବ ମିଶ୍ରଙ୍କୁ ସବୁ ତଥ୍ୟ ପ୍ରଦାନ କରିଥିଲେ । ମାଧବ ସବୁ ବିଷୟ ବୁଝିପାରିଲେ କାରଣ ସେ ଯେ ପେଶାରେ ଓକିଲ ଥିଲେ ଏବଂ ଆଲ୍ଲାହାବାଦ ହାଇକୋର୍ଟରେ ସରକାରୀ ଓକିଲ ରୂପରେ କାର୍ଯ୍ୟରତ ।

ଏପଟେ ଅପେକ୍ଷା କରିକରି ଲୋହିତାକ୍ଷର ପିତା ଖୁବ ବ୍ୟସ୍ତ । ଫୋନଟି ଆଉ କାମ ବି କରୁନି । ସେ ନିଜର ଅନ୍ୟଜଣେ ବନ୍ଧୁଙ୍କୁ ସାଙ୍ଗରେ ନେଇ ରେୱା ସହରରେ ପହଞ୍ଚିଲେ ଏବଂ ଜାଣିବାକୁ ପାଇଲେ ଯେ ଲୋହିତାକ୍ଷ ବିଭାଘର ପାଇଁ ରାଜି ନୁହନ୍ତି ଏବଂ ଉଚ୍ଚଶିକ୍ଷା ପାଇଁ ସେ ଅନ୍ୟ କେଉଁ ସ୍ଥାନକୁ ଚାଲିଯାଇଛନ୍ତି, ସେ ବିଷୟରେ କାହାକୁବି କିଛି ଜଣାନାହିଁ । ପୋଲିସରେ ଖବର ଦେବା ଉଚିତ୍ କିନ୍ତୁ ବିଜିନେସମ୍ୟାନ ମସ୍ତିଷ୍କ ଥିବାରୁ ଜାଣିପାରିଥିଲେ ଯେ ପୋଲିସ ପାଖକୁ ଯିବା ମାତ୍ରକେ ପଇସା ଖର୍ଚ୍ଚ ହେବ, ତେଣୁ ସେ ଅଟକିଗଲେ । ତାଙ୍କର ପ୍ଲାନ ହିସାବରେ ବିବାହ ହୋଇ ପାରିନଥିବାରୁ ସେ କନ୍ୟା ଘରକୁ ଯାଇ ଭୁଲ ମାଗିଥିଲେ ଏବଂ ଆଡ଼ଭାନ୍ସ ନେଇଥିବା କୋଡିଏ ଲକ୍ଷ ଟଙ୍କା ସୁଧର ସହିତ ଫେରାଇଥିଲେ । କିନ୍ତୁ ନିଜ ପୁତ୍ରକୁ ସେ ଆଉ ଘରକୁ ଆସିବାକୁ ଦେବେନାହିଁ କି ନିଜର ସମ୍ପତ୍ତିରୁ କିଛିବି ଦେବେନାହିଁ ବୋଲି ବିଚାର କରିଥିଲେ ।

ଦିନେ ଦୁଇଦିନ ବିତିଗଲାପରେ ବେଦାଂଶୀ କୌଣସି ଖବର ବା ଫୋନ ପାଇନଥିବାରୁ ସେ ବାରମ୍ବାର ଲୋହିତାକ୍ଷଙ୍କୁ ଫୋନକରି ଚାଲିଥିଲେ । ଫୋନ ନମ୍ବରଟି ଯେ ଆଉ କାର୍ଯ୍ୟରତ ନଥିଲା । ବେଦାଂଶୀ ପରି ଦ୍ୱିଗୁଣ ସୌନ୍ଦର୍ଯ୍ୟଧାରୀ କନ୍ୟା ଧୀରେଧୀରେ ନିଜର ସୌନ୍ଦର୍ଯ୍ୟ ହରାଇବାକୁ ଆରମ୍ଭକଲେ । ତାଙ୍କୁ ଜଣା ପଡିଗଲା ଯେ ଲୋହିତାକ୍ଷ ତାଙ୍କୁ ତ୍ୟାଗକରି ସବୁଦିନ ପାଇଁ ଚାଲିଗଲେ । ଯେଉଁ ଲୋହିତାକ୍ଷ ତାଙ୍କୁ ଭେଟ କରିବା ପାଇଁ ବା ତାଙ୍କର କଣ୍ଠରୁ ପଦେ କଥା ଶୁଣିବା ପାଇଁ ନିଜର କ୍ଲାସ ଛାଡ଼ି ଘଣ୍ଟାଘଣ୍ଟା ଅପେକ୍ଷା କରୁଥିଲେ, ସେ ଆଜି ତାଙ୍କର ଫୋନ ବି ଉଠାଇବାକୁ ପ୍ରସ୍ତୁତ ନୁହନ୍ତି । ନିଜର କକ୍ଷରେ ନିଜକୁ ସୀମିତକରି ବେଦାଂଶୀ ପରି କନ୍ୟା ଯେ କାନ୍ଦି ଚାଲିଛନ୍ତି, ତାହା ପରିବାରବାସୀମାନେ ବିଶ୍ୱାସ କରିପାରୁନଥିଲେ । ପିତାମହ ବେଦାଂଶୀଙ୍କ କକ୍ଷକୁ ଯାଇ ତାଙ୍କୁ ଖାଦ୍ୟ ଖୋଇବାକୁ ଚେଷ୍ଟା କରୁଥିଲେ ଏବଂ ଉପଦେଶ ଦେଇ ଚାଲିଥିଲେ ଯେ ତାର ପ୍ରେମ ଯଦି ସତ୍ୟ, ତାହେଲେ ସେ ଦିନେ ନାଁ ଦିନେ ତାକୁ ପାଇପାରିବେ । ତେଣୁ ତ୍ୟାଗ ଓ ଧୈର୍ଯ୍ୟ ଖୁବ ଆବଶ୍ୟକ । ସମୟର ସାଥେସାଥେ ପରିବାର ବେଦାଂଶୀଙ୍କୁ ସାଧାରଣ ଜୀବନକୁ ଫେରାଇ ଆଣିବାକୁ ଚେଷ୍ଟାରତ । ଆଜି ବେଦାଂଶୀ ଠାରୁ ବି ଅଧିକ ଦୁଃଖୀ ଥିଲେ ମାତା, ପିତା ଓ ବୀମାନ । ପିତାମହଙ୍କ ଆଦେଶ ହିସାବରେ ଲୋହିତାକ୍ଷ ଯାଇ ପହଞ୍ଚିଲେ ସେ ଅପରିଚିତ ବ୍ୟକ୍ତିଙ୍କ ନିକଟରେ । ସେ ବ୍ୟକ୍ତି ଜଣଙ୍କ ଖୁବ୍ କମ୍ ସମୟ ମଧ୍ୟରେ ଲୋହିତାକ୍ଷଙ୍କର ରହିବାର ବ୍ୟବସ୍ଥା କରିଦେଇଥିଲେ ଏବଂ ଆଲ୍ଲାହାବାଦ ବିଶ୍ୱବିଦ୍ୟାଳୟରେ ଓକିଲାତି ପଢିବାପାଇଁ ଦାଖଲ କରାଇଥିଲେ । ସେ ଅଜଣା ବ୍ୟକ୍ତି ଜଣଙ୍କର ଏପ୍ରକାର ସାହାଯ୍ୟ ଦେଖି ଲୋହିତାକ୍ଷ ଆଚମ୍ଭିତ ହୋଇଉଠିଥିଲେ ଏବଂ ନିଜ ପିତାଙ୍କର ରାବଣ ଭଳି ବ୍ୟବହାରକୁ ସେ ଭୁଲିବାକୁ ଚେଷ୍ଟା କରୁଥିଲେ । ତାଙ୍କର ରହିବା, ଖାଇବା ଏବଂ ପଢ଼ିବାର ଖର୍ଚ୍ଚ ସେ ଅଜଣା ବ୍ୟକ୍ତି ଜଣକ ମାସକୁ ମାସ ଯୋଗାଇ ଦେଉଥିଲେ, କାରଣ ଯଦି ସେ ଏପରି ନକରନ୍ତି, ତାହେଲେ ପିତା ବୃହସ୍ପତିଙ୍କର କ୍ରୋଧର ଶିକାର ହେବାକୁ ପଡିବ ।

ତା'ଛଡା ସେ ଯେ ନିଜ ହାତରୁ ଥୋଡି ଦେଉଥିଲେ, ସେ ତ ପିତାଙ୍କର ପେନସନ ପଇସାକୁ ହିଁ ଆଣି ଲୋହିତାକ୍ଷଙ୍କ ପାଖରେ ପହଞ୍ଚାଇବାର ମାଧ୍ୟମ ଥିଲେ । ଓକିଲାତି ପଢ଼ିସାରିବା ବେଳକୁ ପ୍ରାୟ ୨୦୧୩ ମସିହା । ତାପରେ ପିତାମହଙ୍କର ଆଦେଶ ଅନୁସାରେ ସେ ଅଜଣା ବ୍ୟକ୍ତିଙ୍କ ସହିତ ଆଲ୍ଲାହାବାଦ ହାଇକୋର୍ଟରେ ଓକିଲାତି ପ୍ରାକ୍ଟିସ ଆରମ୍ଭ କରିଥିଲେ ।

ବେଦାଂଶୀ ଏବେ ଆଉ ପ୍ରେମକୁ ବିଶ୍ୱାସ କରନ୍ତିନାହିଁ କି କୌଣସି ଯୁବକର ସରଳ କଥାକୁ । ନିଜକୁ ପୂର୍ଣ୍ଣରୂପରେ ଲୋହିତାକ୍ଷର ଚକ୍ରବ୍ୟୁହରୁ ବାହାରିକରି ସେ ବଞ୍ଚିବାକୁ ଚାହାନ୍ତି । ତେଣୁ, ସେ ୨୦୧୧ ମସିହାରୁ ଆରମ୍ଭ କରିଥିଲେ "ଛାୟା ଆଣ୍ଡ ମାୟା" ଇଭେଣ୍ଟ ମ୍ୟାନେଜମେଣ୍ଟ କମ୍ପାନୀ । ଛୋଟ ସହରର ଏ ପ୍ରସିଦ୍ଧ କମ୍ପାନୀଟି ପିଲାମାନଙ୍କର ଜନ୍ମଦିନ ପାର୍ଟିରୁ ଆରମ୍ଭକରି, ବିଭାଘର, ବ୍ରତଘର, ଭାଲେଣ୍ଟାଇନ୍ସ ଡେ ପରି ସବୁପ୍ରକାର ଇଭେଣ୍ଟ ପରିଚାଳିତ କରିବାରେ ସକ୍ଷମ ହୋଇଥିଲେ । ବେଦାଂଶୀଙ୍କର ମୁହଁରେ ସେ ଦୁଇଗୁଣର ସୁନ୍ଦରତା ଯେ ନଥାଏ । କେବଳ ନିଜକୁ ବଞ୍ଚିରଖିବା ପାଇଁ ସେ ଯେ ସର୍ବଦା କାର୍ଯ୍ୟରତ ଥିଲେ । ମା କାବ୍ୟାଞ୍ଜଳି ଓ ପିତା ସାଧବ ଯେତେ ଚେଷ୍ଟାକଲେ ମଧ୍ୟ ବେଦାଂଶୀଙ୍କୁ ବିବାହ ସମ୍ବନ୍ଧୀୟ ତର୍କରେ ପରାଜୟ କରିବାରେ ସଫଳ ହୋଇନଥିଲେ । ସେ ଯେ କେବେବି ବିବାହ କରିବେ ନାହିଁ । ମନ ମଧ୍ୟରୁ ସେ ଲୋହିତାକ୍ଷଙ୍କୁ ପୂର୍ଣ୍ଣରୂପରେ ବିଦାୟ କରି ଦେଇଥିଲେ କିନ୍ତୁ ରାତ୍ରିର ଅନ୍ଧକାର ମଧ୍ୟରେ ମନ ଭିତରର କୌଣସି କୋଣରୁ ତାଙ୍କୁ ଏକ ଭୟାନକ ଚିତ୍କାର ଶୁଣାଇ ଦେଉଥିଲା ଯେ ବେଦାଂଶୀ, ତୁମେ ଠକିଗଲ । ତୁମେ ସତ୍ୟ ଓ ଅସତ୍ୟ ମଧ୍ୟରେ ଫରକ ଜାଣିପାରିଲ ନାହିଁ । କଲେଜର ମଞ୍ଚ ଉପରେ ଦେଇଥିବା ଭାଷଣ ଆଉ ନିଜ ଜୀବନର ପ୍ରକୃତତା ମଧ୍ୟରେ କେତେ ଯେ ଫରକ, ତାହା ତୁମେ ନିଜେ ଜାଣି ପାରିଲନି ? ହା ହା ହା । ସେ ନିଜକୁ ସମ୍ଭାଳି ନପାରି ଦୌଡିଦୌଡ଼ି ଆସି ସେହି ଛୋଟବେଳର ବେଦାଂଶୀ ପରି ମା' କୋଳରେ ଶୋଇ ପଡୁଥିଲେ । ପରିବାରର ସମସ୍ତେ ବେଦାଂଶୀଙ୍କୁ ନେଇ ଏବଂ ତାଙ୍କର ଭବିଷ୍ୟତକୁ ନେଇ ଖୁବ୍ ଚିନ୍ତିତ ଥିଲେ..

କିନ୍ତୁ ପିତାମହ ଏକା କହିଚାଲିଥିଲେ ଯେ ଅଧୈର୍ଯ୍ୟ ନହୋଇ ସମୟକୁ ଅପେକ୍ଷା କରିବାପାଇଁ ।

ଲୋହିତାକ୍ଷର କିଛି ଖବର ମିଳୁ ନଥିବାରୁ ସମୟ ସହିତ ତାଙ୍କର ପିତାଙ୍କର ରାଗ କମିବାକୁ ଲାଗିଥିଲା । ପୁତ୍ରର ପ୍ରେମ ଏବେ ମା' ଓ ପିତାଙ୍କୁ କଷ୍ଟ ଦେବାକୁ ଲାଗିଲାଣି । ଶ୍ରବଣ କୁମାର ଭଳି କାଳେ ମାତାପିତା ପୁତ୍ରକୁ ହରାଇଦେବେ ଭାବି ଡରିବାକୁ ଲାଗିଲେ ଏବଂ କୌଣସି ପ୍ରକାରର ସର୍ତ୍ତବିନା ଘରକୁ ଫେରି ଆସିବାକୁ ମନେମନେ କହି ଚାଲିଥିଲେ, କିନ୍ତୁ ପୁତ୍ରଙ୍କ ପାଖରେ ଏ ଖବର ଯେ ପହଁଚି ପାରୁନଥିଲା ।

ରେୱା ସହରରେ ୨୦୧୭ ଭାଲେଣ୍ଟାଇନ୍ସଡେରେ ବହୁତ ଗୁଡିକ ଅର୍ଡର ପାଇଥିବା ଯୋଗୁଁ ବେଦାଂଶୀ ଏବଂ ତାଙ୍କର ସମସ୍ତ କର୍ମଚାରୀମାନେ ବହୁତ ବ୍ୟସ୍ତ ଥିଲେ । ଯେଉଁ ବେଦାଂଶୀ ସେଦିନ ନିଜର ଜନ୍ମଦିନ ପାଳନ କରୁଥିଲେ ଏବଂ ତାଙ୍କର ପ୍ରଥମ ପ୍ରେମର ଆଭାସ ପାଇଥିଲେ ସେହି ପୋବଳ ହ୍ରଦର କୂଳରେ, ସେ ଆଜି ସେ ଦିନଟିକୁ କେବଳ ନିଜକୁ କାର୍ଯ୍ୟରତ କରି ବିତାଇ ଦେଇଥିଲେ । ବହୁତ ଜାଗାରେ ମଞ୍ଚ ସଜବାଜର କାର୍ଯ୍ୟ ପୂର୍ଣ୍ଣ କରିବା ଯୋଗୁଁ ସେ ନିଜର ଗାଡ଼ିରେ ସହରସାରା ବୁଲିଚାଲିଥିଲେ । କେଉଁଠି କର୍ମଚାରୀମାନଙ୍କୁ ବେଲୁନ ଲଗାଇବାକୁ ଆଦେଶ ଦେଇଥିଲେ ତ କେଉଁଠି ଫୁଲଗୁଡିକର ସାଜସଜାକୁ ପରିବର୍ତ୍ତନ କରିବାକୁ । ସଂଧ୍ୟା ସୁଧା ସେ ଯେ ସମ୍ପୂର୍ଣ୍ଣ ହାଲିଆ ହୋଇ ନିଜର ଅଫିସରେ ସୋଫା ଉପରେ ବସିବସି ଶୋଇ ପଡ଼ିଥିଲେ । କର୍ମଚାରୀମାନେ ମାଡାମଙ୍କୁ କହି ଘରକୁ ଚାଲି ଗଲେଣି । ଏହି ସମୟରେ ଅଫିସ ଭିତରକୁ ପଶି ଆସିଥିଲେ ତାଙ୍କର ମାତା, ପିତା, ଛୋଟଭାଇ ବୀମାନ ଏବଂ ପିତାମହ ବୃହସ୍ପତି । ହଠାତ୍ ସେମାନେ କହି ଉଠିଥିଲେ 'ହାପି ବ୍ୟାର୍ଥଡେ' । ସମସ୍ତେ କିନ୍ତୁ ଆଗରୁ ବିଚାର କରିଥିଲେ ଯେ ଭୁଲରେ ମଧ୍ୟ 'ହାପି ଭାଲେଣ୍ଟାଇନ୍ସଡେ' ନକହିବାକୁ । ନିଦରୁ ଉଠି ବେଦାଂଶୀ ମା'ଙ୍କୁ ଧରି ଭୋଭୋ ରଡିପକାଇ କାନ୍ଦି ଉଠିଥିଲେ । ମା' ହୃଦୟ ଠିକ୍ ଜାଣିଥିଲା ଯେ କୌଣସି ବି କନ୍ୟା କେବେ ନିଜର ପ୍ରଥମ ପ୍ରେମକୁ ଭୁଲି ପାରିବ ନାହିଁ ।

ସେହି ରାତ୍ରିର ଅନ୍ଧକାର ମଧ୍ୟରେ ଘରର ଛାତ ଉପରକୁ ଯାଇ ପିତାମହ ଫୋନ କରିଥିଲେ ପୁତ୍ର ମାଧବଙ୍କୁ ଏବଂ ଲୋହିତାକ୍ଷଙ୍କୁ ଯୋଗ୍ୟ ଓ କର୍ମଶୀଳ ହେବାର ଦାଇତ୍ୱ କେଉଁଥି ପାଇଁ ପୂର୍ଣ୍ଣ ହୋଇ ପାରୁନି ବୋଲି ପ୍ରଶ୍ନ କରିଚାଲିଥିଲେ । ଅପର ପକ୍ଷରୁ ମାଧବ ଡରିଡରି କହି ଚାଲିଥିଲେ ଯେ ସବୁ କାର୍ଯ୍ୟ ଠିକ୍ ଭାବରେ ଚାଲିଛି ଏବଂ ଗତ ଚାରିବର୍ଷର ଅଭ୍ୟାସଦ୍ୱାରା ବହୁତ ଗୁଡ଼ିଏ କେସ୍ ଜିତିବା ଯୋଗୁ ଆଲ୍ଲାହାବାଦ ହାଇକୋର୍ଟ ଲୋହିତାକ୍ଷଙ୍କୁ ଜୁନିଅର ସରକାରୀ ଓକିଲ ଭାବରେ ନିଯୁକ୍ତି ଦେଇସାରିଛି । ଯୋଜନା ହିସାବରେ ଆଉ ଗୋଟେ ସପ୍ତାହ ମଧ୍ୟରେ ଲୋହିତାକ୍ଷର ଖବର ନେବାପାଇଁ ତାଙ୍କର ମାତାପିତା ରେୱା ସହରରେ ପହଞ୍ଚିବେ, ଏବଂ ମୋ ପରିବାର ସହିତ ଲୋହିତାକ୍ଷ ମଧ୍ୟ ରେୱାରେ ପହଞ୍ଚିବେ । ବେଦାଂଶୀଙ୍କୁ ଚକିତ କରିବାପାଇଁ ଆପଣ ଗୋଟେ ବଡ଼ ଉତ୍ସବର ଆୟୋଜନ କରନ୍ତୁ । ୨୦୧୭ ଫେବୃଆରୀ ୨୧ ତାରିଖ ନିର୍ଦ୍ଧାରିତ ହୋଇଥିଲା ।

ପରଦିନ ସକାଳବେଳରେ ଚଲାବୁଲା କରି ନିର୍ଦ୍ଧିଷ୍ଟ ଦୋକାନରେ ଚାହା ପିଇ ଘରକୁ ଫେରିବାପରେ ପିତାମହ ବେମାର ଥିବାର ଲାଗୁଥିଲେ । ସେ ବେଦାଂଶୀ ଓ ବୀମାନକୁ ପାଖକୁ ଡାକି କହିଥିଲେ ଯେ ବୋଧେ ତାଙ୍କର ଶରୀର ଆଉ ସାଥ ଦେବନାହିଁ । ତାଙ୍କର ଶେଷ ଇଛାଥିଲା ବେଦାଂଶୀର ବିଭାଘର ଦେଖିବାକୁ, କିନ୍ତୁ ତାହା ଯେ ପୂର୍ଣ୍ଣ ହୋଇପାରିଲା ନାହିଁ । ସେମାନଙ୍କର ଜେଜେମା ସହିତ ପିତାମହଙ୍କର ବିଭାଘର ୨୧ ଫେବୃଆରୀ ଦିନ, ଆଜିଠୁ ପ୍ରାୟ ପଚାଶବର୍ଷ ତଳେ ହୋଇଥିଲା । ସେ ଯେ ତାଙ୍କୁ ଶୀଘ୍ର ଛାଡ଼ି ଚାଲିଯାଇଥିଲେ । ତେଣୁ ସେ ଇଚ୍ଛା ପ୍ରକାଶ କରୁଛନ୍ତି ଯେ ତୁମେମାନେ ଏହି ଘରକୁ ଦିବ୍ୟ ରୂପରେ ସଜାଇଦିଅ, ଏବଂ ସେହିଦିନର ଉତ୍ସବରେ ସେ ଜେଜେମାର ଆତ୍ମା ସହିତ ପଚାଶବର୍ଷ ପାଳନ କରିବେ । ଏ କାମଟି ସେ ବେଦାଂଶୀର 'ଛାୟା ଆଣ୍ଡ ମାୟା' ଇଭେଣ୍ଟ ମ୍ୟାନେଜମେଣ୍ଟ କମ୍ପାନୀକୁ କରିବାକୁ ଆଦେଶ ଦେଇଥିଲେ । ଏ ସବୁର ଖର୍ଚ୍ଚ ସେ ନିଜର ପେନସନ ଜନିତ ଆମଦାନୀ ଦ୍ୱାରା ଭରଣ କରିବେ । ଏପ୍ରକାର କଥା ଶୁଣି ନାତି ଓ ନାତୁଣୀ ହସିବେ କି କାନ୍ଦିବେ, କିଛି ବିଚାର କରିପାରିଲେନି ।

ପିତାମହଙ୍କ ପ୍ରସ୍ତାବ ଅନୁସାରେ ଇଭେଣ୍ଟ ମ୍ୟାନେଜମେଣ୍ଟ କମ୍ପାନୀ ସ୍ୱୟଂ ବେଦାଂଶୀର ଦେଖାରେଖାରେ ୨୧ ଫେବୃଆରୀ ୨୦୧୭ ରେ ଗଳିରେ ଥିବା ମିଶ୍ର ଘରଟିକୁ ନିଜର ଜେଜେମା ପରି ସୁନ୍ଦର ଭାବରେ ସଜାଇ ଦେଇଥିଲେ । ପୁଷ୍ପ ଓ ପତ୍ରର ସଜ୍ଜବାଜରେ ଘରଟି ଏକ କନ୍ୟାପରି ଦିଶୁଥାଏ । ପିତାମହ ନିଜର ପତ୍ନୀଙ୍କର ଗହଣା ବାକ୍ସଟି ଖୋଲି ବେଦାଂଶୀ ପାଇଁ ସାଇତି ରଖିଥିବା ମୁଦ୍ରିକା ଓ ତାଙ୍କର ନିଜର ମୁଦ୍ରିକାକୁ ନେଇ ନିକଟସ୍ଥ ବଣିଆ ଦୋକାନକୁ ଯାଇ ସୁନ୍ଦର ଭାବରେ ସଫାକରି ଆଣିଲେ । ସନ୍ଧ୍ୟା ହେବାକୁ ଆସିଲାଣି । ଗଳିର ସମସ୍ତ ଲୋକମାନଙ୍କୁ ନିମନ୍ତ୍ରଣ ଥାଏ । ଘରର ସମସ୍ତ ସଦସ୍ୟମାନେ ନୂତନ ବସ୍ତ୍ର ଧାରଣକରି ସୁସଜ୍ଜିତ ହେଉଥିଲେ । ବେଦାଂଶୀଙ୍କୁ ପାଖକୁ ଡାକି କହିଥିଲେ, "ମା' ରେ, ଆଜି ମୋ ପାଇଁ ତୁ ତୋ ମନର ଦୁଃଖକୁ ହଜାଇ ହସିହସି ସୁନ୍ଦର ରୂପ ଧାରଣ କର, ତୋର ବୃଦ୍ଧ ପିତାମହ ଆଉ କେତେଟା ଦିନ ବଞ୍ଚିବ, ମୋର ଏ ଆଶା ପୂରଣ କର". ଏହା ଶୁଣି ବେଦାଂଶୀ କାନ୍ଦିକାନ୍ଦି ପିତାମହଙ୍କୁ କୁଣ୍ଢାଇ ପକାଇ ଥିଲେ ଏବଂ ଏଥିରେ ପିତାମହ, ତାର ହୃଦୟର ଦୁଃଖ ପୂର୍ଣ୍ଣରୂପରେ ଅନୁଭବ କରିପାରିଥିଲେ ଏବଂ ମନ ମଧରେ ଆଶା ନେଇ ଭାବିଥିଲେ ଯେ ସେ ଦୁଃଖ ଆଜି ରାତ୍ରି ସୁଧା ଦୂର ହେବ ।

କିଛିଦିନ ପୂର୍ବରୁ ଗୋଟେ ବେନାମୀ ଫୋନକଲ ପହଞ୍ଚିଥିଲା ଲୋହିତାକ୍ଷର ପିତାଙ୍କ ଫୋନରେ । ଅପର ପକ୍ଷରୁ ଖାଲି କୁହାଯାଇଥିଲା ଯେ ଯଦି ନିଜର ପୁତ୍ରକୁ ଜୀବିତ ଦେଖିବାକୁ ଚାହାନ୍ତି, ତାହେଲେ ପୋଲିସର ସାହାଯ୍ୟ ନନେଇ କୋଡିଏ ଲକ୍ଷ ଟଙ୍କା ନଗଦ, ଏକ ବିବାହିତା କନ୍ୟାର ବିବାହ ସମୟରେ ଆବଶ୍ୟକୀୟ ଅନ୍ୟ ସମସ୍ତ ଗହଣାଗାଣ୍ଠି ଧରି ୨୧ ଫେବୃଆରୀ ସନ୍ଧ୍ୟା ସାତଟା ସମୟରେ ରେଙ୍ଗା ସହର ସ୍ଥିତ ଠିକଣାରେ ପହଞ୍ଚିଯାଅ । ଏ ସମୟ ଏପରି ଥିଲା ଯେ ପିତାମାତା ନିଜର ପୁତ୍ର ଜୀବିତ ବୋଲି ଶୁଣି ଖୁସିରେ ନାଚି ଉଠିଥିଲେ । ଏଥର ଆଉ ପଇସାର ଲୋଭ ନାହିଁ । କହିଥିବା ସର୍ତ୍ତ ଅନୁସାରେ ସନ୍ଧ୍ୟା ସାତଟା ବେଳକୁ ଗୋଟେ ଟାକ୍ସି ସେ ଗଳିର ସୁସଜ୍ଜିତ ମିଶ୍ର ହାଉସ ନିକଟରେ ପହଞ୍ଚିଥିଲେ ।

ଟାକ୍ସିରୁ ବ୍ୟାଗ ଧରି ବାହାରି ଆସିଥିଲେ ଲୋହିତାକ୍ଷର ମାତାପିତା । ସେ ସୁସଜ୍ଜିତ ବିବାହର ଗୃହପରି ଦିଶୁଥିବା ମିଶ୍ର ହାଉସ ମଧ୍ୟକୁ ପ୍ରବେଶ କଲାବେଳେ ପିତାମହ ତାଙ୍କୁ ନିଜ କକ୍ଷମଧ୍ୟକୁ ଟାଣି ନେଇଥିଲେ । କହିଥିଲେ ଯେ ଟଙ୍କା ଓ ଗହଣା ତାଙ୍କୁ ଦିଆଯାଉ ବୋଲି । ଯୁକ୍ତି କରିବାକୁ ଆରମ୍ଭ କରିବେ ବୋଲି ଭାବିଥିଲେ ଲୋହିତାକ୍ଷର ପିତା, କିନ୍ତୁ ତାଙ୍କର ପତ୍ନୀ ସବୁ ବ୍ୟାଗଗୁଡିକ ପିତାମହଙ୍କ ହାତରେ ଦେଇଥିଲେ । ସେମାନେ ସେହି କକ୍ଷରେ ଅପେକ୍ଷା କରନ୍ତୁ ଏବଂ ନିଜର ମୋବାଇଲ ଫୋନ ମଧ୍ୟ ପିତାମହଙ୍କୁ ସମର୍ପଣ କରନ୍ତୁ ।

ଯୋଜନା ହିସାବରେ ଠିକ୍ ସାତଟା ତିରିଶ ମିନିଟ ସମୟରେ ଅନ୍ୟ ଏକ ଟାକ୍ସିରୁ ଓହ୍ଲାଇଥିଲେ ମାଧବ ମିଶ୍ର, ପତ୍ନୀ, ଦୁଇ ପୁତ୍ର ଏବଂ ସାଥିରେ ଥିଲେ ଜୁନିଅର ଓକିଲ 'ଲୋହିତାକ୍ଷ'. ରେୱା ସହର ଏବଂ ଏ ଜଣାଶୁଣା ଗଳି ଦେଖି ଓକିଲ ବାବୁ ନିଜର ବୁଦ୍ଧି ଲଗାଇବା ପୂର୍ବରୁ ମାଧବ ତାଙ୍କୁ ଶୀଘ୍ର ଘର ଭିତରକୁ ନେଇ ଗୋଟେ କକ୍ଷ ମଧ୍ୟରେ ବନ୍ଦ କରିଦେଇଥିଲେ । ପିତାମହ ନେଇଥିବା ଗହଣାଗୁଡିକୁ ସେ ବେଦାଂଶୀଙ୍କୁ ଦାନ କରିଥିଲେ ଏବଂ ଏସବୁ ପିନ୍ଧି ତାଙ୍କ ସର୍ତ୍ତ ହିସାବରେ ଏକ ସୁନ୍ଦର କନ୍ୟାର ରୂପ ଧାରଣ କରି ଆଠଟା ବେଳକୁ ସୁସଜ୍ଜିତ ମଣ୍ଡପ ଉପରକୁ ଆସିବାକୁ ଆଦେଶ ଦେଇଥିଲେ । ସାଧବ ଓ କାବ୍ୟାଞ୍ଜଳି ନିଜର ଅନୁଜ ମାଧବ ଓ ତାଙ୍କର ପତ୍ନୀ ଓ ପିଲାମାନଙ୍କୁ ଦେଖି ବହୁତ ଖୁସି ଅନୁଭବ କରିଥିଲେ । ଏ ଘରେ ଯେ ବହୁତ ଦିନରୁ ଖୁସିର ଗୋଟେ ଝଲକ ବି ନଥିଲା ।

ଇଭେଣ୍ଟ ମ୍ୟାନେଜମେଣ୍ଟ କମ୍ପାନୀର ଇଭେଣ୍ଟ ପରିଚାଳକ ଆଗରୁ ଯୋଜନା କରାଯାଇଥିବା ହିସାବରେ ଠିକ ଆଠଟା ସମୟରେ ଘରର ସମସ୍ତ ଲାଇଟଗୁଡିକୁ ଅଫ କରିଥିଲେ ଏବଂ କହିଥିଲେ ଯେ ଶୁଭମୁହୂର୍ତ୍ତର ସମୟ ଆଠଟା ଦଶ ମିନିଟ । ତେଣୁ ସେହି ସମୟରେ ସମସ୍ତେ ନିଜ କକ୍ଷର କବାଟ ନିକଟରେ ଛିଡାହେବାକୁ ଅନୁରୋଧ । ସ୍ପଟ ଲାଇଟ ଯେଉଁ କକ୍ଷର କବାଟ ଉପରେ ପଡିବ, ସେହି କକ୍ଷର ଲୋକମାନେ ମଞ୍ଚ ଉପରକୁ ଆସିବେ ।

ଲାଇଟ୍ସ ଅଫ, ସପରିବାର ଅନ୍ଧକାର ମଧ୍ୟରେ ଥାଇ ଅପେକ୍ଷା କରିଥିଲେ ଆଠଟା ଦଶ ମିନିଟକୁ । ଏହି ଦଶଟି ମିନିଟ ଯେ ଜୀବନରେ ଏତେ ଲମ୍ବାଲାଗେ, ତାହା କେହି ବିଶ୍ୱାସ କରିପାରୁ ନଥିଲେ ।

୮.୧୦: ସ୍ପଟଲାଇଟ ପ୍ରଥମରେ ପଡିଥିଲା ପିତାମହ ବୃହସ୍ପତିଙ୍କ କକ୍ଷରେ । ସପରିବାର କରତାଳିର ସହିତ ସ୍ୱାଗତ କରିଥିଲେ ଏବଂ ପିତାମହ ଯେ ଖୁବ ସୁନ୍ଦର ବସ୍ତ୍ର ଧାରଣ କରିଛନ୍ତି, ସମସ୍ତେ ଦେଖି ଖୁବ୍ ଖୁସି ହୋଇଥିଲେ ।

୮.୧୧: ସ୍ପଟଲାଇଟ ପଡିଥିଲା କାବ୍ୟାଞ୍ଜଳି ଓ ସାଧବଙ୍କ କକ୍ଷରେ । ସପରିବାର ସେ ଦୁହିଁଙ୍କର ସ୍ୱାଗତ କରିଥିଲେ ।

୮:୧୨: ସ୍ପଟଲାଇଟ ପୁଣି ଫେରିଯାଇଥିଲା ପିତାମହଙ୍କ କକ୍ଷର ଦ୍ୱାରକୁ । ପରିବାରବର୍ଗ ଆଶ୍ଚର୍ଯ୍ୟ ଯେ ସେ କକ୍ଷରୁ ଏବେ ଆଉ କିଏ ଆସିବେ ? ତିରିଶ ସେକଣ୍ଡସ ମଧ୍ୟରେ ବାହାରକୁ ଆସିଥିଲେ ମାଧବ ମିଶ୍ର ଏବଂ ତାଙ୍କର ପରିବାର । ସେମାନଙ୍କୁ ଦେଖି ବେଦାଂଶୀ ଓ ବୀମାନ ଖୁବ ଖୁସି ହୋଇଯାଇ କରତାଳିର ସହିତ ସ୍ୱାଗତ କରିଥିଲେ ।

୮.୧୩: ସ୍ପଟଲାଇଟ ପଡିଥିଲା ଗେଷ୍ଟରୁମ ଦ୍ୱାରରେ । ସେଥିମଧ୍ୟରୁ ବାହାରି ଆସିଥିଲେ ଲୋହିତାକ୍ଷର ମାତାପିତା । ସେମାନଙ୍କୁ ତ ବେଦାଂଶୀ କେବେବି ଦେଖିନଥିଲେ କିମ୍ବା ତାଙ୍କର ମାତାପିତା, କିନ୍ତୁ ସେମାନଙ୍କୁ ଦେଖି ଯେ ଆଜି ଲୋହିତାକ୍ଷ ବହୁତ ଆନନ୍ଦ ଅନୁଭବ କରିଥିଲେ, ଦୀର୍ଘ ଆଠବର୍ଷ ପରେ ସେ ଯେ ସେମାନଙ୍କୁ ଦେଖିପାରିଛି କିନ୍ତୁ, ସେ ଏବେବି ନିଜ ପିତାଙ୍କୁ ଦେଖି ଭୟଭୀତ ।

୮.୧୪: ସ୍ପଟଲାଇଟ ପଡିଥିଲା ବେଦାଂଶୀର କକ୍ଷର ଦ୍ୱାରରେ । ଏ ପ୍ରକାର ସୁନ୍ଦରୀ କନ୍ୟା, ପାଦରୁ ମଥାଯାଏ ଅଳଙ୍କାରରେ ସୁସଜ୍ଜିତ ଓ ନିଜର ପିତାମହଙ୍କୁ ଦେଇଥିବା ସର୍ତ୍ତ ହିସାବରେ ଆଜି ତାଙ୍କର ମୁଖମଣ୍ଡଳରେ ଦୁଇଗୁଣ ଖୁସି । ସାକ୍ଷାତ ସୀତା କି ସରସ୍ୱତୀଙ୍କ ରୂପ । ଏ ରୂପ ଯେ ସାତବର୍ଷ ପରେ ଲୋହିତାକ୍ଷ ଦେଖୁଛନ୍ତି ।

ତାଛଡା ସେ ଏ ପର୍ଯ୍ୟନ୍ତ ବିଶ୍ୱାସ କରିନଥିଲେ ଯେ ସେ ବେଦାଂଶୀଙ୍କ ଘରକୁ ଆସିଛନ୍ତି । ସେ ଏ ବି ଜାଣିନାହାନ୍ତି ଯେ ସେ କିପରି ବେଦାଂଶୀଙ୍କୁ କ୍ଷମା ମାଗିବେ ? ସେ ଏ ବି ଜାଣିନାହାନ୍ତି ଯେ ନିଜକୁ ଯୋଗ୍ୟ କରିବାରେ ଏତେ ସମୟ ଲାଗିଗଲା ଓ ଏଥିମଧ୍ୟରେ ବେଦାଂଶୀ କଣ ତାଙ୍କପାଇଁ ଅପେକ୍ଷା କରିଛନ୍ତି ନା ନାହିଁ । ହିନ୍ଦୁ ନାରୀର ମଥାରେ ସିନ୍ଦୁର ବିବାହର ସୂଚନା ଦର୍ଶାଇଥାଏ । କିନ୍ତୁ ବେଦାଂଶୀଙ୍କ ମଥାରେ ସିନ୍ଦୁର ନଥିଲା । ଏ ସୁନ୍ଦର ରୂପ ଓ ଚେହେରାରେ ଖୁସିର ଝଲକ ଦେଖିବାକୁ ମାତାପିତା ଯେ ସାତବର୍ଷ ଅପେକ୍ଷା କରିଥିଲେ, ତାହା ଭାବିଭାବି କାବ୍ୟାଞ୍ଜଳି ଓ ସାଧବ କାନ୍ଦିଚାଲିଥିଲେ ।

ଶେଷରେ, ଇଭେଣ୍ଟ ପରିଚାଳକ ଠିକ୍ ୮.୧୫ ସମୟରେ ସ୍ୱଟଲାଇଟ ପକାଇଥିଲେ ଲୋହିତାକ୍ଷଙ୍କ ଉପରେ । ମାତାପିତା ତାଙ୍କ ସନ୍ତାନକୁ ଜୀବିତ ଦେଖି ଖୁସିର ଅଶ୍ରୁ ଢ଼ାଳି ଚାଲିଲେ ଏବଂ ଦଉଡିଯାଇ କୁଣ୍ଢାଇ ପକାଇଥିଲେ । ବେଦାଂଶୀ କିନ୍ତୁ ବିଶ୍ୱାସ କରିପାରିନଥିଲେ ଯେ ଯେଉଁ ଲୋହିତାକ୍ଷ ତାଙ୍କୁ ବିନା କହି ତ୍ୟାଗକରି ଚାଲିଯାଇଥିଲେ, ସେ ପୁଣି ଆଜି କାହିଁକି ଏଠାକୁ ଫେରିଆସିଛନ୍ତି । ସବୁ ଲାଇଟ୍ସଗୁଡିକ ଜଳି ଉଠିଲେ । ସପରିବାର ଏକତ୍ରିତ ହେବାର ଅପାର ଖୁସି । ନିଜର ମସ୍ତକକୁ ତଳକୁ କରି ଲୋହିତାକ୍ଷ ସମସ୍ତଙ୍କ ସମ୍ମୁଖରେ ଯେ ବେଦାଂଶୀଙ୍କୁ କ୍ଷମା ମାଗିବାକୁ ଲାଗିଲେ । ବେଦାଂଶୀ ନିଜ ଜୀବନକୁ ବହୁତ କଷ୍ଟରେ ସମ୍ଭାଳିଛନ୍ତି ଏବଂ ସେ ଆଉ ଧୋକା ଖାଇବାକୁ ଇଚ୍ଛା ରଖନ୍ତିନାହିଁ । ତେଣୁ, ସେ ଲୋହିତାକ୍ଷଙ୍କୁ ଏଠୁ ଚାଲିଯିବାକୁ କହି ଠିକ୍ ମଞ୍ଚ ଉପରୁ ଦୌଡ଼ି ଯିବା ସମୟରେ ପିତାମହ ବୃହସ୍ପତି ଧରିପକାଇଥିଲେ ବେଦାଂଶୀର ହାତ । ହଠାତ୍ ସେ ଅଟକିଯାଇ ପିତାମହଙ୍କ ଛାତିରେ ଲାଗିଯାଇ ଗତ ସାତବର୍ଷ ଧରି ଜମା ରଖିଥିବା ଲୁହଗୁଡିକୁ ଗଙ୍ଗାଯମୁନା ପରି ଢାଳିଚାଲିଲେ । ଏହି ସମୟରେ ପିତାମହ ବୃହସ୍ପତି ବେଦାଂଶୀଙ୍କୁ ଗୋଟେ ହାତରେ ନିଜର ବୃଦ୍ଧ ବୁକୁରେ ଆଶ୍ରାଦେଇ କହିଚାଲିଲେ ଯେ ମା', ଆଜି ମୁଁ ପୁଣି ତୋତେ ଗୋଟେ ଗପ କହିବି ।

ଛୋଟବେଳେ କହିଥିବା ଗପଗୁଡିକ କାହାଣୀ ଥିଲା, କିନ୍ତୁ ଆଜି ଯେଉଁ ଗପଟି କହିବି, ତାହା ସମ୍ପୂର୍ଣ୍ଣ ସତ୍ୟ ଓ ଆମମାନଙ୍କର ଜୀବନ ସହିତ ସମ୍ପୃକ୍ତ । ପିତାମହ ଆରମ୍ଭ କରିଥିଲେ ସାତବର୍ଷ ତଳର ସେ ସକାଳର ଚାହା ଦୋକାନ ଠାରୁ । ଧୀରେଧୀରେ ସମ୍ପୂର୍ଣ୍ଣ ପରିବାର, ବେଦାଂଶୀ ଓ ଲୋହିତାକ୍ଷଙ୍କର ଗଳ୍ପଟିକୁ ବୁଝିବାରେ ସକ୍ଷମ ହୋଇଥିଲେ । ଏ ଗଳ୍ପର ଲେଖକ ଥିଲେ ପିତାମହ ବୃହସ୍ପତି, ପରିଚାଳକ ଥିଲେ ମାଧବ ମିଶ୍ର । କେବଳ ଭୂମିକାରେ ଅଭିନୟ କରିଥିଲେ ଏପଟେ ବେଦାଂଶୀ ଓ ସେପଟେ ଲୋହିତାକ୍ଷ । ଯେଉଁ ସମୟରେ ବେଦାଂଶୀ ନିଜକୁ ବେସାହାରା ଅବସ୍ଥାରେ ପାଇ କାନ୍ଦିଉଠୁଥିଲେ, ସେତେବେଳେ ପିତାମହ କହିଥିଲେ ଯେ ଠିକ୍ ସମୟକୁ ଅପେକ୍ଷା କର ଏବଂ ଆଜି ସେହି ଶୁଭ ମୁହୂର୍ତ୍ତ ଆସିଯାଇଛି ।

ଏଥିପୂର୍ବରୁ କି କନ୍ୟାର ମାତାପିତା କିମ୍ବା ବରର ମାତାପିତା ଏକ ଶବ୍ଦ ଉଚ୍ଚାରଣ କରନ୍ତୁ, ପିତାମହ ନିଜର ମୁଦ୍ରିକାଟି ବଢାଇ ଦେଇଥିଲେ ବେଦାଂଶୀ ହାତକୁ ଏବଂ ନିଜ ସ୍ତ୍ରୀର ସ୍ମୃତି 'ମୁଦ୍ରିକା'କୁ ବଢାଇ ଦେଇଥିଲେ ଲୋହିତାକ୍ଷକୁ ଏବଂ ପୂର୍ବ ଯୋଜନା ହିସାବରେ ରାତ୍ରିର ଠିକ୍ ୯:୩୦ ମିନିଟ ଶୁଭମୁହୂର୍ତ୍ତରେ ଆଦେଶ ଦେଇଥିଲେ ଯେ ପରସ୍ପରକୁ ମୁଦ୍ରିକା ପିନ୍ଧାଇବାକୁ ।

ପିତାମହଙ୍କର ଆଜ୍ଞାର ଅବମାନନା କରିବାର ଶକ୍ତି କାହାପାଖରେ ନଥିଲା । ବେଦାଂଶୀ ଓ ଲୋହିତାକ୍ଷକୁ ଏକାଠି କରିବାର ଧୈର୍ଯ୍ୟ, ସାହସ ଓ ଚତୁରତା ଯେ ଜଣେ ଜ୍ଞାନୀ ଓ ଦୂରଦର୍ଶୀ ବ୍ୟକ୍ତିଙ୍କର ହିଁ ହୋଇପାରେ, ସେ ଏ ବୟସରେ ପ୍ରମାଣ କରିଥିଲେ । ସେ ଲୋହିତାକ୍ଷଙ୍କୁ ଆଦେଶ ଦେଇଥିଲେ ଯେ ଏ ବୃଦ୍ଧର ବୁକୁରେ ଆଉ ଶକ୍ତି ନାହିଁ ଯେ ବେଦାଂଶୀର ଦୁଃଖକୁ ସମ୍ଭାଳିପାରିବ । ତେଣୁ, ୟଙ୍ଗ ମ୍ୟାନ, ଏବେ ନିଜର ଘର ନିଜେ ସମ୍ଭାଳ ।

ତାଛଡା ସେ ଶିକ୍ଷା ଦେଇଥିଲେ ଲୋହିତାକ୍ଷର ପିତାମାତାଙ୍କୁ ଯେ ପୁତ୍ରର ନିଜର ଜୀବନର ମାର୍ଗ ସେ ନିଜେ ଖୋଜିବା ଦରକାର । ମାତାପିତା ହିସାବରେ ଆମମାନଙ୍କର କର୍ତ୍ତବ୍ୟ ଯେ ଆମେମାନେ ତାଙ୍କୁ ଭଲ ଖରାପ ମଧ୍ୟରେ ଫରକ ଜଣାଇବା ।

ବିବାହ ପରି ପବିତ୍ର ସମ୍ପର୍କକୁ ତୁମେମାନେ ଧନରେ ଯେଉଁ କିଣାବିକା କରୁଛ, ତାହା ନିଜର ପରିବାର ଓ ସମାଜ ପାଇଁ ଏକ ନିନ୍ଦନୀୟ କର୍ମ । ଏହି ସମୟରେ ଲୋହିତାକ୍ଷଙ୍କର ମାତାପିତା ପିତାମହଙ୍କର ପାଦ ଧରି ଭୁଲ ପାଇଁ କ୍ଷମା ମାଗିବାକୁ ଲାଗିଲେ । ପିତାମହ ଲୋହିତାକ୍ଷକୁ ଏବେବି କହିଥିଲେ ଯେ ମାତାପିତାଙ୍କୁ ଡରିବାର କାରଣ ଯେ ସମ୍ପୂର୍ଣ୍ଣ ନିନ୍ଦନୀୟ । ସତ୍ୟ ଓ ଅସତ୍ୟ କର୍ମ କିଏବି କରିପାରେ, ସେମାନଙ୍କୁ ଜ୍ଞାନର ଆଭାସ କରାଇବା ଛୋଟ ହେଉ ବା ବଡ଼ ହେଉ, ସମସ୍ତଙ୍କର କର୍ତ୍ତବ୍ୟ । ନିଜ କନ୍ୟାର ଜୀବନ ସମ୍ଭଳିଥିବାରୁ କାବ୍ୟାଞ୍ଜଳି ଓ ସାଧବ ନିଜର ପିତା ଓ ଭାଇ ମାଧବଙ୍କ ପାଖରେ ଚିରଋଣୀ । ବୋହୁ ତ ସବୁ ଗହଣା ପିନ୍ଧି ସାରିଛି । ବାସ, ଏ ନଗଦ କୋଡିଏ ଲକ୍ଷ ଟଙ୍କା ନେଇ ବିବାହର ସବୁ ତୟାରୀ କରିବାକୁ ପିତାମହ ଆଦେଶ ଦେଇଥିଲେ । ଏକଥା କହି ସେ ବ୍ୟାଗଟିକୁ ନିଜର ପୁତ୍ର ସାଧବଙ୍କୁ ବଢାଇ ଦେଇଥିଲେ । ହଠାତ୍ ଏହା ଦେଖି, ଲୋହିତାକ୍ଷର ପିତା ବ୍ୟାଗଟିକୁ ନେବାପାଇଁ ଗୋଟେ ହାତ ଆଗକୁ ଆସିଥିଲେ, କିନ୍ତୁ ତାଙ୍କର ପତ୍ନୀ ଆଜି ତାଙ୍କୁ ଏତେ ଜୋରରେ ପଛକୁ ଟାଣିଦେଲେ ଯେ ସେ ଦଶହାତ ପଛରେ ଯାଇ ପଡ଼ିଯାଇଥିଲେ ।

ବୃହସ୍ପତି ମିଶ୍ରଙ୍କର ଦିବ୍ୟଦୃଷ୍ଟି ଦର୍ଶାଇଥିଲା ଯେ ବେଦାଂଶୀ ପରି କନ୍ୟା ଦେବୀ ସୀତାଙ୍କର ଛାୟା ରୂପ, ଅର୍ଥାତ ଭେଦବତୀଙ୍କ ପରି ସୁନ୍ଦର ଓ ପବିତ୍ର; କିନ୍ତୁ ପିତାମହ ତାହାକୁ ଆଧୁନିକତାର ରୂପରେଖ ଦେଇ ନାମକରଣ କରିଥିଲେ ବେଦାଂଶୀ, ସେ ଯେ ସତରେ ଦେବୀଙ୍କର ଅବତାର । ପୁତ୍ର ଲୋହିତାକ୍ଷ ମଧ୍ୟ ବିଷ୍ଣୁଙ୍କର କମଳର ଜ୍ୟୋତି ଭଳି ଦୃଶ୍ୟମାନ ଥିଲେ । ତେଣୁ ରାମ ଓ ସୀତାଙ୍କର ଏ ସୁନ୍ଦର ଯୋଡିକୁ ଭାଙ୍ଗିବାକୁ କୌଣସି ମନୁଷ୍ୟର ଯେ ଶକ୍ତି ନାହିଁ ।

- ସମାପ୍ତ -

ବାଲିପାଟଣା, ପଞ୍ଚାମୁଣ୍ଡାଇ

# ବାଇ ଚଢେଇ ବସା

ରାଧାମୋହନ ମିଶ୍ର

ଚାକଚକ୍ୟମୟ ସହର । ଏଠି ସମସ୍ତେ ବ୍ୟସ୍ତ, କାହାରିକୁ କାହାସଙ୍ଗେ ଦୁଃଖ ସୁଖ ହବା ପାଇଁ ସମୟ ନଥାଏ । ସକାଳୁ ଟିଉସନ, ତା'ପରେ ସ୍କୁଲ, ସ୍କୁଲ ଛୁଟି ପରେ ପୁଣି ସଂଗୀତ ବାଦ୍ୟ ଶିକ୍ଷା । ସନ୍ଧ୍ୟାରେ ଭାରି କ୍ଳାନ୍ତ ହୋଇ ପଡୁଥିଲା ନିତା । ବାଧ୍ୟ ବାଧକରେ ବହି ଧରି ବସୁଥିଲା ସିନା, ମନ ହେଉଥିଲା ଶୋଇ ପଡିବାକୁ । ମା' ରୋଷେଇ ଘରେ, ବାପା ଫେରି ନାହାଁନ୍ତି ଅଫିସରୁ । ଅତି ସନ୍ତର୍ପଣରେ ନିତା ବାଲକୋନୀ ଯାଇ ଦେଖୁଥିଲା ସାମ୍ନା ରାସ୍ତାରେ ଗାଡି ମାନଙ୍କର ଦୌଡ ପ୍ରତିଯୋଗିତା । କି ଭୀଷଣ ବେଗରେ ଯାଉଛନ୍ତି ଏ ଗାଡି ଗୁଡାକ ? କେତେ ଧୂଳି ? କେତେ ଧୂଆଁ ?

ଘରକୁ ଫେରିଗଲା ନିତା । ହଠାତ୍ ତା ହାତ ପାଖ ଦେଇ କଣ ଗୋଟେ ଖସି ପଡିଲା । ନିତା ପାଖକୁ ଯାଇ ଦେଖିଲା ଚଢେଇ ଛୁଆଟେ । ଭଲକି ପକ୍ଷୀ ଉଠିନି । କୁନି କୁନି ଥଣ୍ଟକୁ ମେଲା କରି ଚେଂ ଚେଂ କରୁଚି । ଅତି ସାବଧାନରେ ତାକୁ ଧରି ଦୌଡିଲା ମା' ପାଖକୁ । କହିଲା ଦେଖିଲ ମା' ଆମ ସ୍କାଇ ଲାଇଟରୁ ଖସି ପଡିଲା ଏ ଚଢେଇ ଛୁଆଟା । ଉଡି ପାରୁନି, ତାକୁ ଟିକେ ଫାଷ୍ଟଏଡ କରି ଦେଲେ ହୁଅନ୍ତାନି । ଭାରି କଷ୍ଟ ହଉଥିବ ତାକୁ ।

ନିତା କଥା ନ ସରୁଣୁ ବିରକ୍ତ କଣ୍ଠରେ ପାଟି କଲେ ମା' । ଛି ଛି, ଏଇଟାକୁ ହାତରେ ଧରନା, ଫୋପାଡି ଦେ । ଯେତେ ମନା କଲେବି ସେ କ'ଣ ମୋ କଥା ଶୁଣୁଛନ୍ତି । ବାରମ୍ବାର କହିଲିଣି ଏ ସ୍କାଇ ଲାଇଟ୍ ଟା ବନ୍ଦ କରିବାକୁ । ୟାଙ୍କୁତ ସମୟ ହବନି ଜମା ।

ଯେତେ ସବୁ ସାପ ବେଙ୍ଗ, ଏଇ ଘରେ । ମା'ରେ ସେଇଟା ଫୋପାଡି ଦେ ବାହାରେ । ଏକଥା କହି ମା' ଚାଲିଗଲେ ତାଙ୍କ କାମରେ ।

ମୁହଁ ଶୁଖେଇ ନିତା ମନକୁ ମନ କହି ହେଉଥାଏ, ଛୋଟିଆ ଛୁଆ ତ ଫୋପାଡି ଦେଲେ ମରି ଯିବନି ? ଏଇଟାକୁ ମୁଁ ପୋଷିବି । ଘରେ ରଖିବି ମୋ ବହି ଥାକରେ । ବହି ଥାକ ପାଖକୁ ଗଲା ନିତା, କଉଠି ରଖିବ କିଛି ବୁଝି ପାରିଲାନି । ଶେଷରେ ମନେ ପଡିଲା ଆଦିବାସୀ ମେଳାରୁ କିଣି ଆଣିଥିବା ବାଇ ଚଢେଇ ବସା କଥା । ତା ଭିତରେ ରଖି ଦେଇ ଶାନ୍ତିରେ ଶୋଇ ପଡିଲା ନିତା । ସକାଳୁ ଉଠି ତରତର ହୋଇ ଛୁଆଟିକୁ ଦେଖିବାକୁ ଗଲା ବେଳକୁ ବସାରୁ ଖସି ମରି ପଡିଥିଲା ଛୁଆଟା । ଭାରି ମନ ଦୁଃଖ କରିଥିଲା ସେ ।

ଏ ବର୍ଷ ଖରା ଛୁଟିରେ ନିତା ଜିଦ୍ ଧରିଛି ଜେଜେଙ୍କ ପାଖକୁ ଯିବ । ଜେଜେ ତାକୁ ଭାରି ଭଲ ଲାଗନ୍ତି । କେତେ ବଢିଆ କଥା କୁହନ୍ତି, ଗେଲ କରନ୍ତି, ସାଙ୍ଗରେ ନେଇ ଗାଁ ଦାଣ୍ଡରେ ବୁଲେଇ ଆଣନ୍ତି । ବେଳେ ବେଳେ ନଈ ପଠା, ଆମ୍ବ ତୋଟା ବି ବୁଲି ଯାଏ ସିଏ । ଦିନେ ଏମିତି ବୁଲୁ ବୁଲୁ ଗୋଟେ ଖଜୁରୀ ଗଛରେ ନିତା ଦେଖିଲା କ'ଣ ଗୁଡେ ଲମ୍ବା ଲମ୍ବା ଓହୋଳିଛି ପବନରେ ଝୁଲୁଛି ଏପଟ ସେପଟ ହୋଇ । ମନେ ପଡିଲା ଆଦିବାସୀ ମେଳାରୁ କିଣି ନେଇଥିବା ବାଇ ଚଢେଇ ବସା କଥା । ଜେଜେଙ୍କୁ ପଚାରିଲା ଏଇଗୁଡା କଣ ଜେଜେ ? ଉତ୍ତର ବି ନିଜେ ଦେଲା "ଏଇଗୁଡା ବାଇ ଚଢେଇ ବସା ନୁହଁ ତ ? ଜେଜେ ହସି ହସି କହିଲେ ହଁ, ତୁ କେମିତି ଜାଣିଲୁ ? ନିତା ମୁହଁରୁ ସବୁ ଶୁଣି ସାରିଲା ପରେ ଜେଜେ କହିଲେ ତୁ ଯୋଉ ବସାଟା କିଣି ଆଣିଛୁ ସେଇଟା ନକଲି, ଏଇ ବସା ଭଳି ଦେଖାଯାଏ, ଏଇ ଗୁଡାକ ଅସଲି ବାଇ ଚଢେଇ ବସା । ଜାଣିଛୁ ଏଇ ବସାଗୁଡାକ ଏଇ ଛୋଟ ଛୋଟ ଚଢେଇ ମାନେ ହିଁ ନିଜେ କରିଥାନ୍ତି । ତାଳ ଗଛର ପତ୍ରକୁ ସରୁ ସରୁ ଚିରି ଆଣି ତିଆରି କରନ୍ତି ।

ବସା ତିଆରି କଳା କୌଶଳ ଉତ୍ତରାଧିକାରୀ ସୂତ୍ରରେ ଭଗବାନଙ୍କ ଠାରୁ ମିଳିଥାଏ । ଏମାନେ ବି ଗୋଟାଏ ଗୋଟାଏ ଇଞ୍ଜିନିୟରରେ ମା । ମଣିଷ ମାନେ ଚେଷ୍ଟା କଲେ ବି କରି ପାରିବେ ନାହିଁ ଏ ବସାକୁ । ଆଜି କାଲି ବହୁତ କମ୍ ଦେଖାଯା'ନ୍ତି ଓ ବସା ନିଜେ ଅଣ୍ଡା ଦେବା ପୂର୍ବରୁ ତିଆରି କରନ୍ତି, ତା' ଭିତରେ ରହି ଅଣ୍ଡା ଦେଇ ଛୁଆ ଫୁଟାଇ ଥା'ନ୍ତି ।

ଜେଜେଙ୍କ ଠାରୁ ଗପ ଶୁଣି ଶୋଇ ଯାଇଥିଲା ନିତା । ସ୍ୱପ୍ନରେ ଦେଖୁଥାଏ ସେଇ ବାଇ ଚଢେଇ ବସାକୁ । ଏଇ ସମୟରେ ପୂର୍ବ ଦିଗରୁ ମାଡି ଆସିଲା ଅଣଚାଶ ପବନ, ଆଉ ସମୂଳେ ଉପାଡି ଦେଲା ବାଇ ଚଢେଇ ବସା କରିଥିବା ସେଇ ଗଛଟିକୁ । ଚିତ୍କାର କରି ଉଠି ପଡିଲା ନିତା; ଜେଜେ ବସା ଗୁଡାକ ଭାଙ୍ଗିଗଲା ଛୋଟ ଚଢେଇ ମାନେ ଇଆଡେ ସିଆଡେ ପଡି ଛଟପଟ ହଉଛନ୍ତି ଓ ମା' ଚଢେଇ ଉଡି ବୁଲୁଛି କେଚେରେ ମେଚେରେ ହୋଇ । ପାଟି ଶୁଣି ଜେଜେ ତା' ମୁଣ୍ଡରେ ହାତ ମାରି ଦେଇ ଆଉଁସି ଦେଇ କହିଲେ ସ୍ୱପ୍ନ ଦେଖିଲୁକି ମା' । ନିତା ତା' ସ୍ୱପ୍ନ କଥା କହିଲା । ଜେଜେ ତାକୁ ବୁଝେଇ କହିଲେ ବିଚିତ୍ର ଏ ପୃଥିବୀ, ପ୍ରକୃତି ଆଗରେ କାଳେ କାଳେ ହାର ମାନିଛି ମଣିଷ, ତୁ ଟିଭିରେ ଖବର କାଗଜରେ ପଢିନୁ, ୧୯୯୯ ଓ "ଫଣୀ" ଝଡବାତ୍ୟା କଥା । ମଣିଷ ତିଆରି କରିଥିବା କେତେ ସୁଉଚ୍ଚ ଅଟ୍ଟାଳିକା ଗୁଡାକ କେମିତି ଭାଙ୍ଗିଗଲା ଆଉ ଭାସିଗଲା ପାଣି ସୁଅରେ, ନିରିଖି ହିସାବ କଲେ ସେ ବାଇ ଚଢେଇ ବସାରୁ ଆମ ପଥର ଘର କମ୍ ଶକ୍ତରେ ମା' । ନିତା ଶୁଣୁଥିଲା ଆଉ ମନେ ମନେ କହୁଥିଲା ବାଇ ଚଢେଇ ବସା ।

ରଣପଶି, ଢେଙ୍କାନାଳ

ପ୍ରିୟ ପାଠକ/ପାଠିକା,

- ପ୍ରେରଣା ଇ-ପତ୍ରିକାର ଏହା ଅଷ୍ଟମ ସଂସ୍କରଣ । ଏହି ମଇ ୨୦୧୯ ସଂସ୍କରଣଟି ଆପଣଙ୍କୁ କିପରି ଲାଗିଲା ଆମକୁ ନିଶ୍ଚିନ୍ତ ଜଣାନ୍ତୁ ।
- ପ୍ରିୟ ଲେଖକ/ଲେଖିକା ମାନଙ୍କୁ ଉତ୍ସାହିତ କରିବା ପାଇଁ ତଥା ପତ୍ରିକାକୁ ଅଧିକ ସରସ ସୁନ୍ଦର କରିବାରେ ଆପଣଙ୍କ ସୁଚିନ୍ତିତ ମତାମତ ନିତ୍ୟାନ୍ତ ଆବଶ୍ୟକ ।
- ପ୍ରକାଶନରେ ହୋଇଥିବା କୌଣସି ତ୍ରୁଟି ଆମକୁ ଜଣାଇଲେ ପରବର୍ତ୍ତୀ ସଂସ୍କରଣରେ ତା'ର ମାର୍ଜନା ପ୍ରତି ଯତ୍ନବାନ ହେବୁ ।

ଆପଣଙ୍କ ମତାମତ ପ୍ରେରଣା ୱେବସାଇଟରେ www.preranaodia.com/feedback ପ୍ରଦାନ କରିବାକୁ ଅନୁରୋଧ ।

"ପ୍ରେରଣା" ଆପ୍ ଡାଉନଲୋଡ୍ କରିବା ପାଇଁ ନିମ୍ନୋକ୍ତ ଲିଙ୍କ୍ ଉପରେ କ୍ଲିକ୍ କରନ୍ତୁ ।

https://play.google.com/store/apps/details?id=com.debi.prerana